## ‘ନୂଆ-ଓ’ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ

# ସ୍ୱପ୍ନ ପୂରଣରେ ଅର୍ଥ ସାଜିବନି ବାଧକ













**ସମ୍ବଲପୁର, ୨୬ା୨(ସମିସ)**

ଆଜି ମଣ୍ଡେଲିଆ ପଡ଼ିଆରେ ‘ନୂଆ-ଓ’ ସ୍କଲାରସିପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ସହ ‘ନୂଆ-ଓ’ ବୃତ୍ତି ଅନୁମୋଦନ ଆଦେଶ ବଣ୍ଟନ କରିଥିଲେ। ଏହି ସ୍କଲାରସିପ୍ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଯେଉଁମାନଙ୍କର ପିତାମାତା ବେସରକାରୀ କର୍ମଚାରୀ ଅଟନ୍ତି କିମ୍ବା ଯେଉଁ ଅଭିଭାବକମାନେ ଟେକ୍ସ ଦିଅନ୍ତି ନାହିଁ ସେମାନଙ୍କ ଝିଅଙ୍କ ପାଇଁ ୧୦ ହଜାର ଓ ପୁଅଙ୍କ ପାଇଁ ୯ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାର୍ଚ୍ଚ ୫ ତାରିଖରେ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ କରାଯିବ ବୋଲି କହିଥିଲେ। ମୂଳତଃ ଏହା ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପ୍ରତ୍ୟେକ ଛାତ୍ର ଏହା ପାଇବେ। ଏହି କାର୍ଡ଼ ଛାତ୍ରଛାତ୍ରୀଙ୍କ ଅନେକ ପ୍ରକାର ସୁବିଧା ଯୋଗାଇବ। ୱାଇଫାଇ ଆକସେସ୍, ବହି କିଣିବାରେ ରିହାତି, ଯାତ୍ରାରେ ରିହାତି (ବସ୍/ଟ୍ରେନ୍), ଅନ୍‌ଲାଇନ୍ କ୍ଲାସରୁମ୍ ର ସୁବିଧା, ଅନଲାଇନ୍ କ୍ୟାରିୟର କାଉନସେଲିଂ, ଫୋନ୍ ପାଇଁ ରିଚାର୍ଜ କରିବା ଆଦି ଅନେକ ସୁବିଧାସୁଯୋଗ ପାଇପାରିବେ। ମ୍ୟାଜିକ୍ କାର୍ଡ ହେଉଛି ଆଧାର କାର୍ଡ। ଯଦି ଛାତ୍ର ଭଲ ପ୍ରଦର୍ଶନ କରେ ତେବେ ସେମାନଙ୍କୁ ସିଲଭର କାର୍ଡ ଅପଗ୍ରେଡ୍ କରାଯାଇପାରିବ। ପରେ ଗୋଲ୍ଡେନ୍ ଏବଂ ତା’ପରେ ପ୍ଲାଟିନମ୍ କାର୍ଡ ଯାହାଦ୍ୱାରା ସେମାନେ ସେମାନଙ୍କ ଅଧ୍ୟୟନ ଖର୍ଚ୍ଚ ପରିଚାଳନା କରିପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ସମୃଦ୍ଧି କାମନା କରିଛନ୍ତି। ଆର୍ଥିକ ଅନଟନ କାରଣରୁ ଉଚ୍ଚ ଶିକ୍ଷାରେ କୌଣସି ଛାତ୍ରଛାତ୍ରୀ ପଛରେ ରହିବା ଉଚିତ ନୁହେଁ ବୋଲି ତାଙ୍କର ଲକ୍ଷ୍ୟ ଥିଲା। ଏହି ନୂଆ-ଓ ସ୍କଲାରସିପ୍ ମାଧ୍ୟମରେ ସ୍ୱପ୍ନ ପୂରଣ ହେବ। ଏହି ସ୍କଲାରସିପ୍ କାର୍ଯ୍ୟକ୍ରମ ଜରିଆରେ ୧୩, ୪୨୩ ଜଣ ଛାତ୍ରଛାତ୍ରୀ ୧୩.୫ କୋଟି ଟଙ୍କା ପାଇଛନ୍ତି।

### ୧୩,୪୨୩ ଛାତ୍ରଛାତ୍ରୀ ପାଇଲେ ୧୩.୫ କୋଟି

ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜର ୧୦୪୩ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ୧କୋଟି ୫୫ଲକ୍ଷ ଟଙ୍କା ମଞ୍ଜୁରି ହୋଇଛି। ଭୀମ ଭୋଇ ଡିଗ୍ରୀ କଲେଜ ମହୁଲପାଲିର ୭୨୪ଜଣ ଯୋଗ୍ୟ ଛାତ୍ରଛାତ୍ରୀ ୭୧ଲକ୍ଷ ପାଇଛନ୍ତି। ବୁର୍ଲା ଏନ୍‌ଏସି ଡିଗ୍ରୀ କଲେଜର ୫୩୭ ଜଣ ଯୋଗ୍ୟ ଛାତ୍ରଛାତ୍ରୀ ୫୩ ଲକ୍ଷ, ଡ. ଜେକେ ସାହୁ ଡିଗ୍ରୀ କଲେଜ ପରମଣପୁରର ୪୦୫ଜଣ ଛାତ୍ରଛାତ୍ରୀ ୪୧ଲକ୍ଷ, ପିଏମ୍‌ଆଇଏଏସ୍‌ଇ ସମ୍ବଲପୁରର ମୋଟ ୮୪ଜଣ ଛାତ୍ରଛାତ୍ରୀ ୮ଲକ୍ଷ, ଦୁତିକା ସାହୁ ଡିଗ୍ରୀ କଲେଜ ଲେଡାର ୩୭୧ଜଣ ଛାତ୍ରଛାତ୍ରୀ ୩୭ଲକ୍ଷ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨୩୬୪ଜଣ ଛାତ୍ରଛାତ୍ରୀ ୨.୩୫କୋଟି ଟଙ୍କା ପାଇଛନ୍ତି। ସେହିପରି ଗୋକୁଳ ପାର୍ବତୀ ଗ୍ରାମୀଣ ଡିଗ୍ରୀ କଲେଜ କୁନ୍ତରାର ୨୫୭ଜଣ ଛାତ୍ରଛାତ୍ରୀ ୨୬ଲକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟର ୧୬୫୭ଜଣ ଛାତ୍ରଛାତ୍ରୀ ୧କୋଟି ୭୧ଲକ୍ଷ, ହୀରାକୁଦ ଡିଗ୍ରୀ କଲେଜର ୪୬୩ ଛାତ୍ରଛାତ୍ରୀ ୪୬ ଲକ୍ଷ, ଜମନକିରା ଡିଗ୍ରୀ କଲେଜର ୬୨୪ଛାତ୍ରଛାତ୍ରୀ ୬୩ଲକ୍ଷ, କୁଚିଣ୍ଡା ଡିଗ୍ରୀ କଲେଜର ମୋଟ ୯୨୩ ଛାତ୍ରଛାତ୍ରୀ ୯୪ଲକ୍ଷ, ମା’ ଝାଡ଼େଶ୍ୱରୀ ଡିଗ୍ରୀ କଲେଜର ୪୫୦ଜଣ ଛାତ୍ରଛାତ୍ରୀଙ୍କୁ ୪୫ ଲକ୍ଷ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁର୍ଲାର ୮୭୫ ଛାତ୍ରଛାତ୍ରୀଙ୍କୁ ୮୭ଲକ୍ଷ, ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ୫୧୧ ଛାତ୍ରଛାତ୍ରୀ ୫୧ଲକ୍ଷ, ନାକଟିଦେଉଳ ଡିଗ୍ରୀ କଲେଜର ୩୭୫ଜଣ ୩୭ଲକ୍ଷ, ନେତାଜୀ ସୁଭାଷ ଚନ୍ଦ୍ର ବୋଷର ୧୦୧୭ଜଣ ୧୦କୋଟି, ପାର୍ବତୀଗିରି ଡିଗ୍ରୀ କଲେଜର ୨୧୭ଜଣ ୨୨ଲକ୍ଷ, ସୁରଜମଲ ଡିଗ୍ରୀ କଲେଜର ୨୩୪ଜଣ ୨୪ଲକ୍ଷ, ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜର ୨୫୫ଜଣ ୨୬ଲକ୍ଷ ଏବଂ ଭେଦିକ କଲେଜ ଅଫ୍ +୩ ବିଜ୍ଞାନ ଓ ବାଣିଜ୍ୟର ମୋଟ ୩୮ଜଣ ଛାତ୍ରଛାତ୍ରୀଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥକୁ ବୁଦ୍ଧିମତ୍ତାର ସହ ପାଠପଢ଼ା, କ୍ରୀଡ଼ାରେ ବ୍ୟବହାର କରିବାକୁ ଶ୍ରୀ ପାଣ୍ଡିଆନ୍ କହିଥିଲେ। ଯଦି ସ୍କଲାରସିପ୍ ଏକ ମାସ/ତିନି ମାସ/ଏକ ବର୍ଷ ମଧ୍ୟରେ ମିଳିବ ତେବେ ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଭୋଟ୍ ଦେବେ। ଆଜିର କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ୮୦୦, ହୀରାକୁଦ ଡିଗ୍ରୀ କଲେଜରୁ ୩୦୦, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରୁ ୫୦୦, ବୁର୍ଲା ଏନ୍‌ଏସି ଡିଗ୍ରୀ କଲେଜରୁ ୩୦୦, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁର୍ଲାରୁ ୫୦୦, ସରକାରୀ ମହିଳା ମହାବିଦ୍ୟାଳୟରୁ ୮୦୦, ପିଏମ୍‌ଆଇଏଏସ୍‌ଇ ସମ୍ବଲପୁରରୁ ୬୦, ଦୁତିକା ସାହୁ ଡିଗ୍ରୀ କଲେଜରୁ ୫୦ ଜଣ ଛାତ୍ରଛାତ୍ରୀ, ଡ. ଜେକେ ସାହୁ ଡିଗ୍ରୀ କଲେଜ ପରମନପୁରରୁ ୨୦୦, ଧମାସ୍ଥିତ ମା’ ଝଡ଼େଶ୍ୱରୀ ଡିଗ୍ରୀ କଲେଜରୁ ୨୦୦, ଗୋକୁଳ ପାର୍ବତୀ ଗ୍ରାମୀଣ ଡିଗ୍ରୀ କଲେଜ କୁନ୍ତରାରୁ ୫୦, କୁଚିଣ୍ଡା ଡିଗ୍ରୀ କଲେଜରୁ ୨୦୦, ଜମନକିରା ଡିଗ୍ରୀ କଲେଜରୁ ୧୦୦, ଟ୍ରଷ୍ଟ ଫଣ୍ଡ ଡିଗ୍ରୀ କଲେଜରୁ ୫୦, କେସେଇବାହାଲସ୍ଥିତ ବାସୁଦେବ ଗୋଦାବାରୀ ଡିଗ୍ରୀ କଲେଜରୁ ୨୦୦, ଭୀମ ଭୋଇ ଡିଗ୍ରୀ କଲେଜ ମହୁଲପାଲିରୁ ୩୦୦ ଛାତ୍ରଛାତ୍ରୀ ଓ ସାରସ୍ୱତ ମହାବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୫୨୧୦ ଜଣ ଛାତ୍ରଛାତ୍ରୀ ଆସିଥିଲେ।

## ଟ୍ରାକ୍ଟରରେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ

**କୁଚିଣ୍ଡା, ୨୬ା୨(ସମିସ):** ରବିବାର ରାତିରେ ଠାକୁର ନିକ୍ତିମାଲ ନଦୀଗର୍ଭରୁ ଏକ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଥିବା ବେଳେ ଟ୍ରାକ୍ଟରରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଉକ୍ତ ନଦୀଗର୍ଭରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବାବେଳେ ଭେଲୁଆଁପାଲ ଗ୍ରାମର ଅନିଲ ନାଗ(୨୯)ଙ୍କ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଅଣାଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାକୁ ଡାକ୍ତରଖାନା ପକ୍ଷରୁ ଜଣାଯାଇଥିଲା। କୁଚିଣ୍ଡା ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏ ଯାଏ କୁଚିଣ୍ଡା ପୁଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରାଯାଇ ନାହିଁ କି କୌଣସି ମାମଲା ରୁଜୁ କରାଯାଇ ନାହିଁ ବୋଲି ଜଣାପଡ଼ିଛି। ଘଟଣାକୁ ଚପାଇ ଦେବାକୁ ପ୍ରୟାସ ଚାଲିଥିବା ଆଲୋଚନା ହେଉଛି।

## ସାପ କାମୁଡ଼ାରେ ଛାତ୍ର ଗୁରୁତର

**କୁଚିଣ୍ଡା, ୨୬ା୨(ସମିସ):** କୁଚିଣ୍ଡା ନିକଟସ୍ଥ ଧୁଡିପାଲି ଉପ୍ରା ବିଦ୍ୟାଳୟରେ ପଢୁଥିବା ଲାଡମପାଲି ଗ୍ରାମର କପିଳ ସୁନାନୀଙ୍କ ଷଷ୍ଠ ଶ୍ରେଣୀ ଛାତ୍ର ରଶ୍ମୀ ରଞ୍ଜନ ସୁନାନୀଙ୍କୁ ଏକ ସାପ କାମୁଡ଼ି ଦେବା ଫଳରେ ଗୁରୁତର ହୋଇପଡ଼ିଥିଲେ। ସେ ପରିସ୍ରା ପାଇଁ ଯାଇଥିବା ବେଳେ ସାପ କାମୁଡ଼ି ଦେଇଥିବା ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ତେବେ ଉକ୍ତ ବିଦ୍ୟାଳୟରେ ପରିସ୍ରାଗାର ନ ଥିବାରୁ ଛାତ୍ର ସାପ କାମୁଡ଼ାର ଶିକାର ହେଲା ବୋଲି ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ମହୁମାଛି ଆକ୍ରମଣରେ ୪ଆହତ

**ଜମନକିରା, ୨୬ା୨(ସମିସ):** ଜମନକିରା ବ୍ଲକ ସଦର ମହକୁମା ଦଶଘରିଆ ଗ୍ରାମକୁ ଏକ ବରଯାତ୍ରୀ ସହ ଆସିଥିବା ୪ଜଣ ମହୁମାଛି ଆକ୍ରମଣରେ ଗୁରୁତର ହୋଇପଡ଼ିଥିଲେ। ସୂଚନା ଅନୁଯାଇ ସଡ଼ୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁଲାଡ଼ିହି ଗ୍ରାମର ପ୍ରମୋଦ ବାଘ(୨୨), ଗଜେନ୍ଦ୍ର ମାଝୀ(୩୨), ଅଭିରାମ ଯୋଯୋ(୩୮) ଓ ଲଡ୍ରୋପାଲ ଗ୍ରାମର ପ୍ରତାବ ଡ଼ଙ୍ଗ (୨୫) ଜମନକିରା ଦଶଘରିଆକୁ ଏକ ବରଯାତ୍ରୀ ସହ ଆସିଥିଲେ। ସେଠାରେ ସେମାନେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଜମନକିରା ଡାକ୍ତରଖାନାକୁ ନିଆଯାଇଥିଲା।

## ବଡ଼ରମା ଘାଟିରେ ୨ଟ୍ରକ୍ ମୁହାଁମୁହିଁ ଧକ୍କା: ୩ଗୁରୁତର



**ଜମନକିରା, ୨୬ା୨(ସମିସ):** ଜମନକିରା ଥାନା ବଡ଼ରମା ନିକଟସ୍ଥ ବୁଲାଣିରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଜମନକିରା ପଟୁ ଓଡ଼ି ୦୫ ଏଫ୍ ୮୫୮୧ ଲୁହାପଥର ବୋଝେଇ ଟ୍ରକ କେଉଁଝରରୁ ଝାରସୁଗୁଡ଼ା ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରକ ସହ ଧକ୍କା ହୋଇଥିଲା। ଜମନକିରା ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ପହଞ୍ଚି ଲୁହାପଥର ବୋଝେଇ ଟ୍ରକ ଡ୍ରାଇଭର ଝାଡଖଣ୍ଡ ନିବାସୀ ରବି ବିଶ୍ୱକର୍ମ ୪୦ଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲକୁ ପଠାଇଥିଲେ। ସେହିପରି ଟ୍ରକ୍‌ରେ ଥିବା ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସେବାରେ ବୁର୍ଲା ମେଡିକାଲକୁ ପଠାଯାଇଥିଲା। ଜନୈକ ହେଲ୍‌ପର ବଳରାମ ମହନ୍ତ ସାମାନ୍ୟ ଆଘାତ ହୋଇଥିବା ବେଳେ ଗୁରୁତର ଥିବା ଡ୍ରାଇଭର ଓ ହେଲପରଙ୍କ ପରିଚୟ ଖବର ଲେଖାଯିବା ପର୍ଯ୍ୟନ୍ତ ମିଳିପାରି ନାହିଁ।

## ଭିନ୍ନକ୍ଷମଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ



**ରେଙ୍ଗାଲି,୨୬ା୨(ସମିସ):** ଘିଚାମୁରା ଗ୍ରାମପଞ୍ଚାୟତ ଏବଂ ନିଶାନଭଙ୍ଗା ଗ୍ରାମପଞ୍ଚାୟତର ଅସହାୟ ଭିନ୍ନକ୍ଷମ ମାନଙ୍କୁ ରେଙ୍ଗାଲି ଜୋନ ୧ ଜିଲ୍ଲା ପରିଷଦ ଚୋଳଶ୍ରୀ ମହାନନ୍ଦଙ୍କ ଚେଷ୍ଟା କ୍ରମେ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହି ଅବସରରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ନିଶାନଭଙ୍ଗା ସମିତି ସଭ୍ୟ ଜିତେନ୍ଦ୍ର ପ୍ରସାଦ ପଣ୍ଡା, ବିଜୁ ମହିଳା ଜନତା ଦଳର ଗୁଡ଼ି ପାଣ୍ଡେ, ମିତା ମେହେର, ପଙ୍କଜିନୀ ରାଉତ, ଅମର ମହାନନ୍ଦ ଉପସ୍ଥିତ ଥିଲେ।

## ଏନ୍‌ଏଲ୍‌ସି ବିରୋଧରେ ବିସ୍ଥାପିତ ଖିଣ୍ଡା ପଞ୍ଚାୟତବାସୀଙ୍କ ଆନ୍ଦୋଳନ

**ରେଙ୍ଗାଲି, ୨୬ା୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲସି କମ୍ପାନୀ ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇ ତାକୁ ପାଳନ କରୁ ନଥିବା ଏବଂ ବିସ୍ଥାପିତଙ୍କ ହକ୍‌ରୁ ତାଙ୍କୁ ବଞ୍ଚିତ କରୁଥିବା ଅଭିଯୋଗରେ ଆଜି ଏନ୍‌ଏଲସି ବିରୋଧରେ ଖିଣ୍ଡା ପଞ୍ଚାୟତବାସୀ ଧାରଣା ଦେଇଥିଲେ। ବିସ୍ଥାପିତ ଗ୍ରାମବାସୀ ୯ ଦଫା ଦାବି ନେଇ ଏନ୍‌ଏଲସି କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳୁ

### କମ୍ପାନୀ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ଶହ ଶହ ବିସ୍ଥାପିତ ଗ୍ରାମବାସୀ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖ ଫାଟକ ବନ୍ଦ କରି ଆନ୍ଦୋଳନ କରିଥିଲେ। ସନ୍ଧ୍ୟାରେ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। କମ୍ପାନୀ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା କିଛି ଦାବି ପୂରଣ କରିବ ଓ ଅନ୍ୟ ଦାବି ଗୁଡ଼ିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ପର୍ଯ୍ୟାୟକ୍ରମେ ପୂରଣ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ବୈଠକରେ ଏନ୍‌ଏଲ୍‌ସି ମହାପ୍ରବନ୍ଧକ ଚିରକୁ ଦୟାନନ୍ଦ, ଡିଜିଏମ୍ ଏଚଆର୍ ସୁବ୍ରତ ବିଶ୍ୱାଳ, ସରପଞ୍ଚ ଖିଣ୍ଡା ସନ୍ଧ୍ୟାରାଣୀ ପ୍ରଧାନ, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ, କୃପା ବୁଧିଆ, ରୁଦ୍ର ପ୍ରଧାନ, ପାର୍ବତୀ ପୁରୋହିତ, ନବୀନ ରାଉତ. ହିମାଂଶୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



## ୩ଜଣଙ୍କୁ କଟୁରିରେ ଆକ୍ରମଣ କଲା ଦୁର୍ବୃତ୍ତ

**ସମ୍ବଲପୁର,୨୬ ା୨(ସମିସ):** ରେଢାଖୋଲ ଥାନା ଡିମ୍ବିରିକୁଦା ଗ୍ରାମରେ ଆଜି ଜନୈକ ଦୁର୍ବୃତ୍ତ ଏକ କଟୁରୀରେ ଗୋଟିଏ ପରିବାର ୩ଜଣଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଏକ କଟୁରୀରେ ସଙ୍ଗୀତା ପ୍ରଧାନ, ପବିତ୍ର ପ୍ରଧାନ ଓ ସୁନିଲ ପ୍ରଧାନଙ୍କ ଉପରେ ଆକ୍ରମଣ କରିବା ଫଳରେ ସେମାନେ ଆହତ ହୋଇପଡ଼ିଥିଲେ। ସ୍ଥାନୀୟ ମେଡ଼ିକାଲରେ ସେମାନଙ୍କ ଚିକିତ୍ସା କରାଯାଇଥିଲା। ଦୁର୍ବୃତ୍ତ ସେମାନଙ୍କ ଗୋଡ଼ରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ସଂଗୀତା ଆଜି ଗ୍ରାମରେ ହେଉଥିବା ନାମଯଜ୍ଞ ଦେଖୁଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ସଂଗୀତା ବାରଣ କରିବାରୁ ପ୍ରଥମେ ସଂଗୀତାଙ୍କ ଗୋଡ଼ରେ କଟୁରୀର ମାଡ଼ କରିଥିଲା ଏବଂ ଏହାପରେ ତାଙ୍କ ସମ୍ପର୍କୀୟ ସୁନିଲ ଓ ପବିତ୍ରଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ପୁଲିସ ମାମଲାର ତଦନ୍ତ କରୁଛି।





## ଡାକ୍ତରଖାନାରେ ଖତ ଖାଉଛି ଔଷଧ

**ବରଗଡ଼, ୨୬।୨(ସମିସ):** ବରଗଡ଼ ସହର ମଧ୍ୟରେ ପୁରୁଣା ଡାକ୍ତରଖାନା ଏବେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ଏଠାରେ ରୋଗୀ ସେବା ନାଁକୁ ମାତ୍ର ପୁରୁଣା ଡାକ୍ତରଖାନାରେ ଲକ୍ଷ ଲକ୍ଷ ଟଙ୍କାର ଔଷଧ ରୋଗୀମାନଙ୍କୁ ନ ଦେଇ ନଷ୍ଟ ହେଉଥିବାକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି । ଯାହାକୁ ନେଇ ବିଭିନ୍ନ ଚାଲୁଥିବା ଅଭିଯୋଗ ହେଉଛି । ଡାକ୍ତରଖାନା ପଛପଟରେ କାର୍ଟୁନ କାର୍ଟୁନ ବିଭିନ୍ନ ଔଷଧ, ସାଲାଇନ ଆଦି ପଡ଼ିରହିଛି । ଯାହାକି ରୋଗୀମାନଙ୍କୁ ଦେବା ବଦଳରେ ଖତ ଖାଉଥିବାବେଳେ ବହୁ ଔଷଧ ଏକ୍ସପାରୀ



ହୋଇଯାଇଛି । ତେବେ ବହୁ କ୍ଷେତ୍ରରେ ରୋଗୀମାନେ ଡାକ୍ତରଖାନାରୁ ଔଷଧ ନ ପାଇ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି । ମହଲରେ ଉଦବେଗ ପ୍ରକାଶ ପାଇବା ସହ ଏନେଇ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଧିବଦ୍ଧ ତଦନ୍ତ କରାଯିବାକୁ ଦାବି ହୋଇଛି ।

## ଚାଷୀଙ୍କ ଅଭିନବ ସଚେତନତା ରାଲି; ଟ୍ରାକ୍ଟରରେ ଆସି ଦାବି ଜଣାଇଲେ

**ବରଗଡ଼, ୨୬।୨(ସମିସ)**

ବିଶ୍ୱ ବାଣିଜ୍ୟ ସଂଗଠନ ଚାପରେ ଭାରତ ସରକାର ଦେଶର ଅନ୍ନଦାତାମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି ବୋଲି ଚାଷୀ ନେତା ଲିଙ୍ଗରାଜ ବରଗଡ଼ଠାରେ ସଂଯୁକ୍ତ କିସାନ ମୋର୍ଚ୍ଚାର ଆହ୍ୱାନକ୍ରମେ ବରଗଡ଼ ଜୟ କିସାନ ଆନ୍ଦୋଳନ ତରଫରୁ ଆୟୋଜିତ ଟ୍ରାକ୍ଟର ଶୋଭାଯାତ୍ରା ଅବସରରେ ମତବ୍ୟକ୍ତ କରିଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଗ୍ୟାରେଣ୍ଟି ଦେବା, କୃଷି କ୍ଷେତ୍ରରେ କଂପାନୀକରଣ ବନ୍ଦ କରାଯିବା, ଭାରତ ସରକାର ବିଶ୍ୱ ବାଣିଜ୍ୟ ସଂଗଠନରୁ ଓହରିଯିବା ଦାବିନେଇ ଜୟ କିଶାନ ଆନ୍ଦୋଳନ ତରଫରୁ ଏହି ଟ୍ରାକ୍ଟର ଶୋଭାଯାତ୍ରା କରାଯାଇଥିଲା । ସ୍ଥାନୀୟ ବୀର ଛକରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ସମତା ଭବନକୁ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ଜିଲ୍ଲାର ବହୁ ଚାଷୀ ପ୍ରତିନିଧି ଟ୍ରାକ୍ଟର ସହିତ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ଚାଷି ନେତା ଶିବ ପ୍ରସାଦ ପ୍ରଧାନ, ଅରୁଣ ସାହୁ, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, ବାଲକିଶୋର ଛତର, ଜିତୁ ବେହେରା, କପିଲାସ ଭୋଇ, ଅକ୍ଷୟ ପ୍ରଧାନ, ସରୋଜ ପଧାନ, କିଶୋର ସାହୁ, ଲକ୍ଷ୍ମଣ ସୁନା ପରିଚାଳନା କରିଥିଲେ ।





## ଜାଗିଂରେ ଦ୍ୱିଦିବସୀୟ ଇଂରାଜୀ ପ୍ରଶିକ୍ଷଣ

**ବିଜେପୁର, ୨୬।୨(ସମିସ):** ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜାଗିଂ ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ଇଂରାଜୀ ପ୍ରଶିକ୍ଷଣ ଶିବିର ସୋମବାର ଉଦଘାଟିତ ହୋଇଯାଇଛି । ହାଇସ୍କୁଲର ସହକାରୀ ଶିକ୍ଷକ ଦିବ୍ୟକିଶୋର ପଣ୍ଡା ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସିଆରସିସି ରାଜେଶ୍ୱର ବେହେରା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଶିକ୍ଷକ ବିଜୟ ରଞ୍ଜନ ଦାଶ ସଂଯୋଜନା କରିଥିଲେ । ସିଆରସିସି ଦୁର୍ବାଦଳ ବଡଗୋଛିଆ, ନବୀନ ସାହୁ, ସୀତାରାମ ଦୀପ, ପୂର୍ବତନ ସିଆରସିସି ପ୍ରେମରାଜ ରଣା, ବାହାଦୁର ପଧାନ, ମନ୍ଦାକିନୀ ପଧାନ, କମଳିନୀ ସାହୁ, ମିନାକ୍ଷୀ ରାଣୀ ରାଉତ ସହଯୋଗ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ୪୭ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ପାଇଥିଲେ । ବିଜୟ ରଞ୍ଜନ ଦାଶ,ହିତେଶ୍ୱର ପଧାନ, ଉମାକାନ୍ତ ବାଗ, ରୂପେଶ ପଧାନ ପ୍ରମୁଖ ପ୍ରଶିକ୍ଷକ ଯୋଗ ଦେଇଥିଲେ ।

## ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ବରଗଡ଼,୨୬।୨(ସମିସ):** ବରଗଡ଼ ସଦର ବ୍ଲକ ଚକରକେନ୍ଦ ନବଜ୍ୟୋତି ଉଚ୍ଚ ମାଧମିକ ବିଦ୍ୟାଳୟ ଏକମାସ ବ୍ୟାପୀ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଛାତ୍ରୀମାନେ ଅଂଶଗ୍ରହଣ କରି ବହୁ ପରିମାଣରେ ଲାଭ ପାଇଥିଲେ । ଉଦଯାପନୀ ଦିବସରେ ଖେଳ ଶିକ୍ଷକ ସୁବଳ ପଧାନ ତାଲିମ ଶିବିର ନିରୀକ୍ଷଣ କରିବା ସହ ନିଜର ବକ୍ତବ୍ୟ ରଖିଥିଲେ ।

## ଡଙ୍ଗାଘାଟରେ 'ଶିଶୁଟିଏ ଗଛଟିଏ' କାର୍ଯ୍ୟକ୍ରମ

**ପଦ୍ମପୁର, ୨୬।୨(ସମିସ):** ପଦ୍ମପୁର ବ୍ଲକ ଡଙ୍ଗାଘାଟ ପଞ୍ଚାୟତ ପଥୁରି ଗ୍ରାମରେ ଶିଶୁଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଶଙ୍କର୍ଷଣ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟଅତିଥି ଏବଂ ଏମବିକେ ବୈଜୟନ୍ତୀ ପଟେଲ, ଅଙ୍ଗନବାଡ଼ି କର୍ମୀ ଯଶୋବନ୍ତି କୁମ୍ଭାର, ସଜନା ବାଗ, ଗ୍ରାମର ମୁରଲୀ କୁଦେଇ ଅଂଶଗ୍ରହଣ କରିଥିଲେ । ଆଠ ଜଣ ମାଆଙ୍କୁ ସେମାନଙ୍କ ଶିଶୁଙ୍କ ଉଦ୍ଦେଶ୍ୟରେ ଆଠଟି ଅଶୋକ ଚାରା ପ୍ରଦାନ କରଯାଇଥିଲା । ସରପଞ୍ଚ ପଞ୍ଚାୟତର ସମସ୍ତ ଗ୍ରାମର ଶିଶୁଙ୍କ ଉଦ୍ଦେଶ୍ୟରେ ପରିବାର ବର୍ଗଙ୍କୁ ଅଶୋକ ଚାରା ପ୍ରଦାନ କରାଯିବ ବୋଲି କହିଥିଲେ ।

## ଆଇନଜୀବୀ ବିଜୟ ସାହୁଙ୍କ ପରଲୋକ

**ଦହିତା, ୨୬।୨ (ସମିସ):** ପଦ୍ମପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା ଗୌନ୍ତିଆ ବିଜୟ କୁମାର ସାହୁଙ୍କ ୮୨ ବର୍ଷ ବୟସରେ ନିଜର ଗାଁ ଦହିଗାଁଠାରେ ପରଲୋକ ଘଟିଛି । ସେ



ଛାତ୍ର ସମୟରୁ ମେଧାବୀ ଥିଲେ । ପଦ୍ମପୁରରେ ଓକିଲାତି ଆରମ୍ଭ କରିଥିଲେ । ପୂର୍ବତନ ମନ୍ତ୍ରୀ ଅଏଠୁଁ ସାହୁଙ୍କ ଜାମାତା ଥିଲେ । ତାଙ୍କ ପଛରେ ସ୍ତ୍ରୀ ମନ୍ଦାକିନୀ, ପୁଅ ଭବାନୀଶଙ୍କର, ସୁରେଶ, ପଦ୍ମନାଭ ଓ ଏକମାତ୍ର ସରିତା ଓ ସମେତ ବୋହୂ ଜ୍ୱାଇଁନାତି ନାତୁଣୀଙ୍କୁ ଛାଡି ଚାଲି ଯାଇଛନ୍ତି । ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟୋଷ୍ଟିକ୍ରିୟା ସମାପନ ହୋଇଥିଲା । ଜେଷ୍ଠପୁତ୍ର ଭବାନୀ ମୁଖାଗ୍ନି ଦେଇଥିଲେ । ଶେଷଯାତ୍ରାରେ ପଦ୍ମପୁର ସମେତ ଦହିଗାଁ ଅଞ୍ଚଳର ଅନେକ ବ୍ୟକ୍ତି ଯୋଗଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବିପୁଳ ମହୁଲ ପୋଚ ଓ ଦେଶୀମଦ ଜବତ

**ଅମ୍ବାଭୋନା,୨୬।୨(ସମିସ):** ଭଟଲି ବନାଞ୍ଚଳ ଅନ୍ତର୍ଗତ ଦ୍ୱାରୀ ବିଟ୍‌ର ଦ୍ୱାରୀ ଏବଂ କୁସମଡିହି ଜଙ୍ଗଲରେ ବନ ଓ ଅବକାରୀ ବିଭାଗର ମିଳିତ ଅତର୍କିତ ଚଢ଼ଉରେ ପ୍ରାୟ ୨୧୦୦ଶହ ଲିଟର ମହୁଲ ପୋଚ ଓ ୩୦ଲିଟ ଦେଶୀ ରନ୍ଧାମଦ ସହ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ୍ ଏବଂ ଆସବାବପତ୍ର ଜବତ ହୋଇଛି । ଏହି ଚଢ଼ଉରେ ଦ୍ୱାରୀ ସେକସନର ବନପାଳ ବିଷ୍ଣୁଚରଣ ବିଶ୍ୱାଳ, ବନରକ୍ଷୀ ଲିଜି ମହାପାତ୍ର ଏବଂ ଭଟଲି ଅବକାରୀ ବିଭାଗର ଓଆସି ଉସାବତୀ ଗଡଉ, ଏଏସଆଇ ନନ୍ଦିକିଶୋର ପ୍ରଧାନଙ୍କ ସହିତ ସମସ୍ତ ଅବକାରୀ କର୍ମଚାରୀ ପ୍ରମୁଖ ସମିଲ ଥିଲେ । ପୂର୍ବରୁ ଖବର ପାଇ ଘଟଣାସ୍ଥଳ ଛାଡି ମଦ ମାଫିଆମାନେ ଖସି ଯାଇଥିଲେ । ବାରମ୍ବାର ଚଢ଼ଉ ସତ୍ତ୍ୱେ ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ ହୋଇପାରୁନାହିଁ ।



## ଭଟଲିରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

**ଭଟଲି,୨୬।୨(ସମିସ):** ଭଟଲି ପଞ୍ଚାୟତସମିତି ସଭାଗୃହରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଉପଜିଲ୍ଲାପାଳ କୁମାର ନାଗଭୂଷଣ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମୀନା, ସିଡିଏମଓ ନିରୁପମା ଷଡ଼ଙ୍ଗୀ, ଏଡମିନିଷ୍ଟ୍ରେଟିଭ ଅଫିସର ଆରତି ଭୋଇ, ଭଟଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ବିଡିଓ ହରେକୃଷ୍ଣ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ମୋଟ ୮୧ଟି ବ୍ୟକ୍ତିଗତ ଏବଂ ୩ଟି ସାମୁହିକ ସହ ସମୁଦାୟ ୮୪ଟି ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ୫୭ଟି ରୋଗୀ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଆର୍ଥିକ ତଥା ମାଗଣା ଔଷଧ ବ୍ୟବସ୍ଥା କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସୂଚାଇଥିଲେ । ଭଟଲି ତହସିଲଦାର ଜି. ରଶ୍ମିରେଖା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ,



ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୈରେନ୍ଦ୍ରି ମହାନନ୍ଦ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଯତୀନ୍ଦ୍ର ମୋହନ ପଣ୍ଡା, ଶିଳ୍ପ ବିକାଶ ଅଧିକାରୀ ଅଭୟକାନ୍ତ ପାଢ଼ୀ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଭାବେଶ କୁମାର ଦଲେଇ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବିରେନ୍ଦ୍ର ଛୁରିଆ, ଯୋଗାଣ ନୀରିକ୍ଷୀକା ସୁନୀତା ନାହକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ବିଶ୍ୱାଳ ତଥା ଜିଲ୍ଲା ଏବଂ ବ୍ଲକସ୍ତରୀୟ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ତାହିର ହୁସେନ ଏବଂ ସହକାରୀ ଜିଲ୍ଲାପାଳ ନିଶିକାନ୍ତ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଭଟଲି ଥାନାଧିକାରୀ ବିଭୂତି ଭୂଷଣ ଦଲେଇ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ ନାଏକ ତଥା ବ୍ଲକ କାର୍ଯ୍ୟଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## କୋସଲୀ-ସମ୍ବଲପୁରୀ ମହାକାବ୍ୟ 'ଶାନ୍ତାକୁମାରୀ' ଲୋକାର୍ପିତ

**ବରଗଡ଼, ୨୬।୨(ସମିସ):** ବରଗଡ଼ ଗାନ୍ଧୀ ସ୍ମୃତିଭବନଠାରେ କବି



ଶରତଚନ୍ଦ୍ର ପାଢ଼ୀଙ୍କ କୋସଲୀ-ସମ୍ବଲପୁରୀ ଭାଷାରେ ରଚିତ ମହାକାବ୍ୟ'ଶାନ୍ତାକୁମାରୀ' ଉନ୍ମୋଚିତ ହୋଇଯାଇଛି । ଗୁରୁ ଘାସିରାମ ମିଶ୍ର ମୁଖ୍ୟଅତିଥି, ପ୍ରଫେସର କେଶରଞ୍ଜନ ପ୍ରଧାନ ଉଦଘାଟକ, ଡ.ସଂଘମିତ୍ରା ମିଶ୍ର ଓ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଆଲୋଚକ ଭାବେ ଯୋଗଦାନ କରିଥିଲେ । ପ୍ରଫେସର ଡ.ରଘୁନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ମନୋରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ଶରତଚନ୍ଦ୍ର ପାଢ଼ୀ ନିଜ ଗ୍ରନ୍ଥ ରଚନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଡ.ଦୁର୍ବାଦଳ ମେହେର, ଧନପତି ମହାପାତ୍ର, କମଳିନୀ ଦେବୀ, ସନ୍ତୋଷିନୀ ଦାଶ, ନୁରାବତୀ ସାହୁ, ସରୋଜ କୁମାର ରଥ, ଡ.ଅଶୋକ କୁମାର ମହାପାତ୍ର, ସୁରେନ୍ଦ୍ର ହୋତା, ଶିବଶଙ୍କର ପୂଜାରୀ, ତେଜରୁ ବାରିକ, ଦିଲୀପ ପଣ୍ଡା, ଅଜୟ ମିଶ୍ର, ରୋହିତ ଶର୍ମା, ଦୋଳଗୋବିନ୍ଦ ପଣ୍ଡା, ରୁବି ଶର୍ମା, ରୋଜି ମିଶ୍ର, ଅଶୋକ ପଶାୟତ, ରିଙ୍କି ପଣ୍ଡା, ଆରାଧ ପଣ୍ଡା, ସାଲେଗ୍ରାମ ହୋତା, ସୁଦ୍ରମା ପଣ୍ଡା, ନମିତା ଦୀପ ଯାଦବ, ଅଲେଖ ମେହେରଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ ।

## ସମଲେଇ ମନ୍ଦିରରୁ ଚୋରି ଘଟଣାରେ ଏସ୍‌ପି ଅଫିସ ଘେରଉ

**ବରଗଡ଼, ୨୬।୨(ସମିସ):** ଗତ ୧୯ ତାରିଖରେ ଅତାବିରା ଥାନା କତାବଗା ସମଲେଇ ମନ୍ଦିରରୁ ମାଁଙ୍କ ଅଳଙ୍କାର ଚୋରି ଘଟଣାକୁ ନେଇ ଗ୍ରାମବାସୀ ବରଗଡ଼ ଏସପି ଅଫିସ ଘେରଉ କରିଛନ୍ତି । ଗତ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ କତାବଗା



ସମଲେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଦିନକ ପରେ ଅର୍ଥାତ ୧୯ ତାରିଖ ରାତିରେ ମାଁଙ୍କ ସୁନା ମୁକୁଟ, ସୁନା ହାର, ରୁପାର ଛତର, ସୁନାର ଲକେଟ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା । ଗତ ୨୨ ତାରିଖ ଅତାବିରା ପୁଲିସ ଜଣେ ବ୍ୟକ୍ତିକୁ ପଚାରଉଚରା କରିବା ପରେ ଛାଡି ଦେଇଛି । କତାବଗା ଗ୍ରାମରୁ ଆଜି ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ବରଗଡ଼ ଏସପି ଅଫିସ ପହଞ୍ଚିଥିଲେ । ସେମାନଙ୍କ ସହ ପୁଲିସ ପ୍ରଶାସନ ତରଫରୁ ଆଲୋଚନା କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ଭାଲୁ ଆତଙ୍କ; ଗାଁରେ ପହଞ୍ଚିଲା ବନବିଭାଗ

**ଗୁଦେରପାଲି, ୨୬।୨(ସମିସ):** ଘେଁସ ବନାଞ୍ଚଳ ଅନ୍ତର୍ଗତ ଗୁଦେରପାଲି ଅଞ୍ଚଳରେ ଦୀର୍ଘଦିନ ଧରି ଏକ ଜଙ୍ଗଲୀ ଭାଲୁର ଆତଙ୍କ ଦେଖିବାକୁ ମିଳୁଛି । ପ୍ରତିଦିନ ରାତିରେ ଗୁଦେରପାଲି, ନୂଆଁପାଲି, କମଳପଦର, କୁଣ୍ଡାଖାଇ, ଝିମବାହାଲ, ବେଲମୁଣ୍ଡା ଆଦି ଗାଁରେ ଭାଲୁ ବୁଲାବୁଲି କରୁଥିବା ଅଭିଯୋଗ ହେଉଛି । ଗ୍ରାମବାସୀମାନେ ସୁରକ୍ଷିତ ମଣୁନାହାନ୍ତି । ସବୁଠୁ ଭୟ ଓ ଆଶଙ୍କା ଲାଗି ରହୁଛି । ଖବର ପାଇ ଆଜି ସନ୍ଧ୍ୟାରେ ଘେଁସ ବନାଞ୍ଚଳ ଅଧିକାରୀ ବିଜୟଲକ୍ଷ୍ମୀ ପଟେଲ, ବନପାଳ ଝରଣା ସାହୁ ଏବଂ ଟିମ୍ ଗୁଦେରପାଲି ଗାଁକୁ ପହଞ୍ଚି ଗ୍ରାମବାସୀଙ୍କୁ ଜରୁରୀ କାମ ନଥିଲେ ଭୋର ସକାଳୁ କିମ୍ବା ରାତିରେ ବାହାରେ ବୁଲାବୁଲି ନକରିବାକୁ ଅନୁରୋଧ କରିଥିଲେ । ଗୁଦେରପାଲି ଗ୍ରାମବାସୀ ମଧ୍ୟ କିଛି ଅଘଟଣ ଘଟିବା ପୂର୍ବରୁ ଜଙ୍ଗଲି ଭାଲୁକୁ କାବୁ କରି ଜଙ୍ଗଲ କିମ୍ବା ଚିଡ଼ିଆଖାନାକୁ ନେଇଯିବା ପାଇଁ ବନ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ ।





## ଝୋଟ ବ୍ୟାଗ ବାଣ୍ଟିଲେ ବିଧାୟକ

**ବରଗଡ଼, ୨୬।୨(ସମିସ):** ଖାଦ୍ୟ ଯୋଗାଣ ବିଭାଗ ଆନୁକୂଲ୍ୟରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ରାସନ କାର୍ଡ ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ଓ ପ୍ରତି ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ନଗଦ ସହାୟତା ରାଶି ବଣ୍ଟନ କରାଯାଇଛି । ୱାର୍ଡ ନଂ ୨, ୧୪, ୫, ଓ ୭ ଆଦି ବିଭିନ୍ନ ୱାର୍ଡରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ସମେତ ସମ୍ପୃକ୍ତ ୱାର୍ଡର କାଉନସିଲରବୃନ୍ଦ ଉପସ୍ଥିତ ଥିଲେ ।

## ବିକାଶ ନର୍ସିଂ କଲେଜରେ 'ଜେନେସିସ୍'

**ବରଗଡ଼,୨୬।୨(ସମିସ):** ବରଗଡ଼ ବିକାଶ ହାୟର୍ ଏଜୁକେସ୍ନାଲ୍ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ୍ ଦ୍ୱାରା ଦୁଇଦିନ ନୂତନ ବର୍ଷ ବିଏସସି ନର୍ସିଂ ଓ ଏଏନ୍‌ଏମ୍‌ର ଚତୁର୍ଥ ବ୍ୟାଚ ସହ ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ଓ ଜିଏନ୍‌ଏମର ପ୍ରଥମ ବ୍ୟାଚର ଉଦ୍‌ଘାଟନ ତଥା ଉନମୁକ୍ଷୀକରଣ ସମାରୋହ ଆୟୋଜିତ ହୋଇଯାଇଛି । ନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଡାକ୍ତରୀ ନିର୍ଦ୍ଦେଶକ ଡ. ହିମାଂଶୁ ଶେଖର ମିଶ୍ର, ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଉପାଧ୍ୟକ୍ଷା ଏବଂ ବିକାଶ ମଲ୍ଟି ସ୍ପେସିୟାଲିଟି



ହସ୍ପିଟାଲର ନର୍ସିଂ ଅଧୀକ୍ଷିକା ଓ ଏଚ୍. ଆର୍ ମ୍ୟାନେଜର ଅତିଥି ରୂପେ ଯୋଗଦାନ କରିଥିଲେ । ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ.ଡି.ଷ୍ଟେଲା କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରେ ନୂତନ ବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରତିକ୍ରିୟା ନିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ନର୍ସିଂ କଲେଜର ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନ୍ଦିର ରତ୍ନମୁଦ ପ୍ରତିଷ୍ଠା ମହାଆଡ଼ମ୍ବରରେ ପାଳିତ

**ଭେଡେନ, ୨୬।୨(ସମିସ)**

ଭେଡେନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ମନୋହର ସିଂ ଗଡ଼ର ପାଦଦେଶରେ ଐତିହାସିକ ବାଲିଯାତ୍ରା ପଡିଆ ବସେଇକେଲା, ଗୁରୁପାଲି, କଟାପାଲି ଗ୍ରାମର ମିଳିତ ଉଦ୍ୟମରେ ନିର୍ମିତ ପ୍ରଭୁ ଶ୍ରୀ ହନୁମାନ ମନ୍ଦିର, ପ୍ରଭୁ ଶ୍ରୀ ରାଧାକୃଷ୍ଣ ଏବଂ ପ୍ରଭୁ ମହାକାଳେଶ୍ୱରଙ୍କ ମନ୍ଦିର ନିର୍ମାଣର ରତ୍ନମୁଦ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ରଙ୍କ ତତ୍ତ୍ୱାବଧାନରେ ୪୧ ଜଣ ମହିଳା ପୁରୁଷ ରକ୍ତଦାନ କରିଥିଲେ । ପଣ୍ଡିତ ଦୈତାରି ପାଣିଗ୍ରାହୀ, ଅଶ୍ୱିନୀ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୂଜାରେ ଭୀଷ୍ମଦେବ ପଧାନ ସପତ୍ନୀକ କର୍ତ୍ତା ଥିବା ବେଳେ ଅନ୍ନ ପ୍ରସାଦ ପାଣ୍ଡବ କର୍ଣ୍ଣ ସପତ୍ନୀକ ପ୍ରଦାନ




କରିଥିଲେ । ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ପୂର୍ବତନ ସାଂସଦ ଡା. ପ୍ରଭାସ ସିଂ, ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ର, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ତୋଳାମଣି ଖେତି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ପିଙ୍କି ବଢେଇ, ବ୍ଲକ ସଭାନେତ୍ରୀ ନମିତା ସୁନା, ସରପଞ୍ଚ ଉଦ୍ଧବ ବାରିକ, ସୁବଳ ପଧାନ ପ୍ରମୁଖ ଯୋଗଦାନ ଥିଲେ । ନନ୍ଦିନୀପୁର ଓ ନିଧେନପାଲିର ମହିଳା ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । କିଶୋର ରାଏ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଇକମାଳ ନାଗରିକ କମିଟି ବୈଠକ

**ପାଇକମାଳ, ୨୬।୨ (ସମିସ):** ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ନାଗରିକ କମିଟି ଏକ ବୈଠକ କମିଟିର ସଭାପତି ମନୋଜ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ପାଇକମାଳକୁ ଏନଏସସି ଘୋଷଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ପାଇକମାଳ ସିଏଚସିରେ ଡାକ୍ତର ଅଭାବ ଯୋଗୁଁ ଏହି ଅଞ୍ଚଳ ରୋଗୀମାନେ ହଇରାଣ ହେଉଛନ୍ତି । ଏହି ସମସ୍ୟାର ସମାଧାନ ସହ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସମୟରେ ବିଦ୍ୟୁତ ବିଭାଗ ବାରମ୍ବାର ବିଦ୍ୟୁତ କାଟ୍ ନକରିବା ପାଇଁ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ସମ୍ପାଦକ ନୀଳମଣି ପଣ୍ଡା ଧନ୍ୟବାଦ ଦେଇଥିଲେ ।



ସକାଳ THE SAKALA



# ତୃଣମୂଳସ୍ତରୁ ଫୁଟ୍‌ବଲ ଉନ୍ନତି ପାଇଁ ଧ୍ୟାନ ଦିଆଯିବ

**ଝାରସୁଗୁଡ଼ା, ୨୬।୨(ସମିସ)**

ଓଡ଼ିଶାରେ ଫୁଟବଲ ଖେଳର ଉନ୍ନତି ପାଇଁ ଓଡ଼ିଶା ପୁଲିସ ପୁରାତନ ଫୁଟବଲ ଖେଳାଳି ଆସୋସିଏସନ ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ତୃଣମୂଳସ୍ତରରେ ୫ରୁ ୧୨ ବର୍ଷର ବାଳକ, ବାଳିକା ମାନଙ୍କୁ ଫୁଟବଲ ପ୍ରତି ଆକର୍ଷିତ କରି ଏହାର ଉନ୍ନତି ପାଇଁ ସମସ୍ତ ପ୍ରକାର ଶାରୀରିକ, ମାନସିକ ଶିକ୍ଷା ଦିଆଯିବ ବୋଲି ପଶ୍ଚିମ ଓଡ଼ିଶା ଗସ୍ତରେ ଆସିଥିବା ଓଡ଼ିଶା ପୁଲିସ ପୁରାତନ ଫୁଟବଲ ଆସୋସିଏସନ ସଭ୍ୟ ତଥା ଫୁଟବଲ ଆସୋସିଏସନ ଓଡ଼ିଶାର ସହ-ସମ୍ପାଦକ ଏମ.ଡି ସାହିଦ ଜବାର କହିଛନ୍ତି। ଝାରସୁଗୁଡ଼ା ଆସିବା ଅବସରରେ ସେ କହିଥିଲେ ଯେ ଫୁଟବଲ ଶିକ୍ଷାର ଭିତ୍ତିଭୂମି ହେଲା ପ୍ରାଥମିକ ଶିକ୍ଷା। ଏହି ଶିକ୍ଷା ପିଲାଙ୍କୁ ଭଲ ଫୁଟବଲ ଖେଳାଳି ଭାବରେ ପ୍ରତିଷ୍ଠିତ କରିବାରେ ସାହାଯ୍ୟ କରିଥାଏ। ଛୋଟ ପିଲାମାନଙ୍କୁ ବର୍ତ୍ତମାନଠାରୁ ଶିକ୍ଷା ଦେଲେ ଆସନ୍ତା ୫ ବର୍ଷରେ ଜିଲ୍ଲାରୁ ଅଧିକ ସଂଖ୍ୟାରେ ଓଡ଼ିଶା ଓ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିପାରିବେ।

ଝାରସୁଗୁଡା ଜିଲ୍ଲାରେ ଫୁଟବଲ ଖେଳ ପ୍ରତି ଆଗ୍ରହ ଦେଖି ଓଡ଼ିଶାରେ ପ୍ରଥମେ ୨ୟ ଓଏସଏପିଠାରେ ଏକ ତାଲିମ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହି ତାଲିମ କେନ୍ଦ୍ରରେ ୬୦ରୁ ଊର୍ଦ୍ଧ୍ୱ ବାଳକ, ବାଳିକା ଅଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ତାପସ ରାୟ ଚଉଧୁରୀ, ଉପ-ସଭାପତି ଜୀବନ ମହାନ୍ତି ଓ କୋଷାଧ୍ୟକ୍ଷ ଗଣେଶ ନାୟକ, ପିଟିସି ବୁର୍ଲାର ଦୁର୍ଗପତି ଲଛମନ ସିଂ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦ ଜଣରୁ ଊର୍ଦ୍ଧ୍ୱ ଓଡ଼ିଶା ପୁଲିସର ପୁରାତନ ଫୁଟବଲ ଖେଳାଳିମାନେ ଉପସ୍ଥିତ ଥିଲେ। ଫୁଟବଲ ଆସୋସିଏସନ ଓଡ଼ିଶା ପକ୍ଷରୁ ସମସ୍ତ ଖେଳ ସାମଗ୍ରୀ ଯୋଗାଇ ଦିଆଯାଇଥିବାର ୨ୟ ଓଏସ୍‌ଏପିର ଦୁର୍ଗପତି ଦାୟିତରେ ଥିବା ଭବାନୀ ଶଙ୍କର ସେଠ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଯୁଗ୍ମ-ସମ୍ପାଦକ ଅଭିଜିତ ପାଲଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଅମ୍ବାପାଲି ବହୁମୁଖୀ ଭବନର ଶିଳାନ୍ୟାସ



**ବରଗଡ଼, ୨୬।୨(ସମିସ):** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲିରେ ଜନସାଧାରଣଙ୍କ ବ୍ୟବହାର ଉପଲକ୍ଷେ ବହୁମୁଖୀ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଆନୁକୂଲ୍ୟରେ ଏ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତ, ପୂର୍ବତନ କାଉନସିଲର ପଦ୍ମଲୋଚନ ମଲ୍ଲିକଙ୍କ ସମେତ ସ୍ଥାନୀୟ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିର ସମାବର୍ତ୍ତନ ଓ ମେଧାବୀ ଅଭିନନ୍ଦନ ଉତ୍ସବ

**ଝାରସୁଗୁଡ଼ା, ୨୬।୨(ସମିସ):** ସରବାହାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସମାବର୍ତ୍ତନ ଓ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବରେ ଜୀବନ ଗଠନ କରି ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ ଉତ୍ସବରେ ଷଷ୍ଠ ଶ୍ରେଣୀର ଛାତ୍ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା ସହିତ ସପ୍ତମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ନିଜର ଅନୁଭୂତି ବଖାଣିଥିଲେ। ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ.ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ ଓ ଅକ୍ଷୟ ପତି ଛାତ୍ରଛାତ୍ରୀମାନଙ୍କୁ ନିଜର ଲକ୍ଷ୍ୟ ସ୍ଥିର କରି କଠୋର ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ନିଶ୍ଚୟ ସଫଳତା ହାସଲ କରି ହେବ ବୋଲି ପରାମର୍ଶ ଦେଇଥିଲେ। ତୃତୀୟ ଶ୍ରେଣୀର ଛାତ୍ର ଦୁର୍ଗାମାଧବ ଶତପଥୀ, ସନ୍ତୋଷ ବିଶୋଇ, ତୃପ୍ତିମୟୀ କିଶାନ, ଅଙ୍କିତ ପରିଡ଼ା ଓ ପଞ୍ଚମ ଶ୍ରେଣୀର ସାଇ ସୌରଭ ରାଉତ, ଅଂଶୁମାନ ସାହୁ, ବୈଷ୍ଣବୀ ତ୍ରିପାଠୀ, ଚନ୍ଦନ ପାଢ଼ୀ ପ୍ରମୁଖ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟର 'ସ୍ମୃତି ଫଳକ' ପ୍ରଦାନ କରା ଯାଇଥିଲା। ଇତିଶ୍ରୀ କଳେଶ୍ୱର ମଞ୍ଚ ସଞ୍ଚାଳନ, ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର, ମମତା ରାଉଳ ଓ ମଞ୍ଜୁଲତା ସାହୁ ଗୁରୁମା ଶିଶୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସରିତା ପଣ୍ଡା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




# ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ଦାବି

**ଝାରସୁଗୁଡ଼ା, ୨୬।୨(ସମିସ):** ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରେଳବାଇ ପକ୍ଷରୁ ସରବାହାଲ ଓ ସୁନାରିମୁଣ୍ଡା ରେଳ ଫାଟକ ବନ୍ଦ କରିବାକୁ ନୋଟିସ ଜାରି କରାଯାଇଛି। କିନ୍ତୁ ଏହି ରେଳ ଫାଟକକୁ ବନ୍ଦ ନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସରବାହାଲର ଗୋଟିଏ ପାର୍ଶ୍ୱରେ କିସାନପଡ଼ା, ଗୌଡପଡ଼ା, କୁମ୍ଭାରପଡ଼ା, ତଳିପଡ଼ା, ବ୍ରାହ୍ମଣ ପଡ଼ା, ଚମାର ପଡ଼ା ଥିବାବେଳେ ଲୋକସଂଖ୍ୟା ପାଖାପାଖି ତିରିଶ ହଜାର ଅଟେ। ଛାତ୍ର ଛାତ୍ରୀ ୧୫୦୦ରୁ ଅଧିକ ରହିଛନ୍ତି। ମାର୍ଚ୍ଚ ୫ ତାରିଖରେ ସରବାହାଲ ଓ ସୁନାରିମୁଣ୍ଡା ଗେଟ୍ ବନ୍ଦ ହେବ ବୋଲି ସୂଚନା ମିଳୁଛି। ଏହି ପରିପ୍ରେକ୍ଷୀରେ ସରବାହାଲ ଗୋଟିଏ ପାର୍ଶ୍ୱରେ ସସାର ବିଦ୍ୟାଳୟ, ୟୁଜିଏମଇ ସ୍କୁଲ ଓ ସରକାରୀ ହାଇସ୍କୁଲ ରହିଛି। ଯଦି ଗେଟ ବନ୍ଦ ହେବ ତେବେ ଛାତ୍ର ଛାତ୍ରୀ କିଭଳି ପାଠ ପଢ଼ି ଆସିବେ। ସୁନାରିମୁଣ୍ଡା ଦେଇ ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଅନପଟେ କିଛି ଦିନ ତଳେ ସରବାହାଲବାସୀ ଡିଆରଏମ୍‌ଙ୍କୁ ଦାବିପତ୍ର ଦେଇଥିଲେ। ସରବାହାଲ ପୁରୁଣା ଫାଟକ ୨୦୧୦ ମସିହାରେ ସ୍ଥାନାନ୍ତରଣ ସମୟରେ ଜନଆନ୍ଦୋଳନ ସମୟରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ସ୍ୱର୍ଗତ କିଶୋର ମହାନ୍ତି ଆସି ରେଳ କର୍ତ୍ତୃପକ୍ଷ ସହିତ ଆଲୋଚନା ପରେ ତାହା ବନ୍ଦ ହୋଇଥିଲା। ଅନ୍ୟପଟେ ସରବାହାଲ ଗୋଟିଏ ପାର୍ଶ୍ୱରେ ୨୦୦ରୁ ଅଧିକ ଦୋକାନ ଥିବାବେଳେ ଫାଟକ ବନ୍ଦ ହେବା ଫଳରେ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ। ଠିକ୍ ସେହିପରି ସରବାହାଲର ଗୋଟିଏ ପାର୍ଶ୍ୱରେ କାହାରି ମୃତ୍ୟୁ ହେଲେ ସେ ସମୟରେ ସୁନାରିମୁଣ୍ଡା ଓଭର ବ୍ରିଜ ଦେଇ ରୋମାଳ ମୁକ୍ତିଧାମ ଆଣିବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ରେଳ ଫାଟକକୁ ବନ୍ଦ ନ କରିବାକୁ ଲୋକେ ଦାବି କରିଛନ୍ତି।

# ଜ୍ଞାନରେ ଆମ୍ବେଦକରବାଦୀ ମେଲନ୍-ମେସନ୍

**ପଦ୍ମପୁର, ୨୬।୨(ସମିସ):** ପଦ୍ମପୁର ଉପଖଣ୍ଡ ଜ୍ଞାନ ଗ୍ରାମରେ ଆମ୍ବେଦକର ଲଭର୍ସ ଜ୍ଞାନ ତରଫରୁ ଆମ୍ବେଦକରବାଦୀ ମେଲନ୍-ମେସନ୍ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଲଭର୍ସର ସଭାପତି ଚନ୍ଦ୍ରକାନ୍ତ ମହାନନ୍ଦ ଓ ସଂପାଦକ ପ୍ରଭାତ ରାଜହଂସ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଟିଖିଆ ସଂଗଠନର ସଭାପତି ଭୋଜରାଜ ବାଗ, ମୁଖ୍ୟବକ୍ତା ଭାବେ ଏମଆର ପ୍ରଶାନ୍ତ, ସମ୍ମାନିତ ଅତିଥି ଭାବେ ଏଲଡିଏର ମୁଖ୍ୟ ଲବ ସୁନା, ଆମ୍ବେଦକର ଯୋଦ୍ଧାର ଜିଲ୍ଲା ସଭାପତି କୁଶ ତାଣ୍ଡି, ସମାଜସେବୀ ଜଗଦୀଶ ଲୁହାର, ମୂଳନିବାସୀ ସେନା ସଭାପତି ହେମନ୍ତ ଗର୍ଡିଆ, ଆଇନ ଛାତ୍ର ଯୁବ ସମାଜସେବୀ ସୁଜନ ବାଗ, ଆଇନଜୀବୀ ଜୟରାମ ବାଗ, ସମାଜସେବୀ ସରୋଜ କୁମ୍ଭାର ଯୋଗଦାନ କରିଥିଲେ। ଗୋବର୍ଦ୍ଧନ ଛତର, ବ୍ୟଙ୍ଗକବି ରଞ୍ଜନ ସାଗର, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ମୋତିଲାଲ ବାଗ, ସୋମନାଥ ବାଗଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମପୁରର ଲୁ ନାଟ୍ୟସଂସ୍ଥା ଦ୍ୱାରା 'ଗାନ୍ଧୀ ଛକ' ନାଟ୍ୟ ପରିବେଷଣ କରିଥିଲେ। ସଚିନ ମୁନାଙ୍କ ଦ୍ୱାରା କ୍ରାନ୍ତିଗୀତ ଗାନ କରାଯାଇଥିଲା। ବଲାଙ୍ଗିରର ରୋଜିତା ବାଗ (ନୃତ୍ୟଶିଳ୍ପୀ), ସୁକୁଲିପାହାରର ଲିପ୍ସାରାଣୀ ନାଗ, ଗର୍ଭଣାରୁ ଡଲି, ନନ୍ଦିନୀ ଓ ଜ୍ଞାନ ଗ୍ରାମର ଛୋଟ ଛୋଟ କୁନି କଳାକାର ନୃତ୍ୟ ପରିବେଷଣ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଚନ୍ଦ୍ରକାନ୍ତ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ପ୍ରଭାତ ରାଜହଂସ ଧନ୍ୟବାଦ ଜ୍ଞାପନ କରିଥିଲେ।




## ଅତାବିରା ଓ ବରଗଡ଼ ପର୍ଯ୍ୟବେକ୍ଷକ ହେଲେ ଡି.ବିଶ୍ୱନାଥ

**ଭୁବନେଶ୍ୱର, ୨୬।୨ (ସମିସ):** ସୋମବାର ବିଜେଡି ପକ୍ଷରୁ ଅତାବିରା ଓ ବରଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଡି. ବିଶ୍ୱନାଥଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ମିଳିଥିବା ନେଇ ବିଜେଡି ପକ୍ଷରୁ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦିଆଯାଇଛି।

# ବ୍ଲକ୍‌ସ୍ତରୀୟ ଜଳ ଗୁଣବତ୍ତା ପ୍ରଶିକ୍ଷଣ

**ଭେଡେନ, ୨୬।୨(ସମିସ):** ଭେଡେନ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଜଳ ଗୁଣବତ୍ତା ଓ ପରିମଳ ସର୍ବେକ୍ଷଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରଡବ୍ଲୁଏସଏସ ଏଇ ମଞ୍ଜୁ ସୁହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଅତିଥିଭାବରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ପ୍ରିତେଶ ଦୋରା, ଜିଲ୍ଲା ପାଣି ପରୀକ୍ଷାଗାର ବିଶେଷଜ୍ଞ ଶିବଶଙ୍କର ରଥ, ଅଭିଲାଷ ପଣ୍ଡା, ରିନା ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ଜଳ ଗୁଣବତ୍ତା ଓ ପରିମଳ ବିଷୟରେ ଉପସ୍ଥିତ ଏମବିକେ ମହିଳା, ସ୍ୱୟଂ ସହାୟକ ମହିଳା, ସିଆରପି ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ■ ବଜରଙ୍ଗ କପ୍ କ୍ରିକେଟ୍
# ଗୋଲଡେନ ଇଗଲକୁ ହରାଇ ଷ୍ଟାର ଇଲେଭେନ ବିଜୟୀ

**ଦେବଗଡ଼, ୨୬ ।୨(ସମିସ):** ଦେବଗଡ଼ ପୌରାଞ୍ଚଳ ମହୁଲଡିହିପା ନାଳ ପଡ଼ିଆରେ ଆୟୋଜିତ ବଜରଙ୍ଗ କପ କ୍ରିକେଟ ପ୍ରତିଯୋଗିତାର ଏକ ମ୍ୟାଚରେ ଗୋଲଡେନ ଇଗଲ କ୍ରିକେଟ ଟିମକୁ ୬ ଉଇକେଟରେ ପରାସ୍ତ କରି କଟକର ଷ୍ଟାର ଇଲେଭେନ ଦଳ ବିଜୟୀ ହୋଇଛି। ଗୋଲଡେନ ଇଗଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଗୋଲଡେନ ଇଗଲ ଦଳ ସମସ୍ତ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ଇଲେଭେନ ଦଳ ୧୪.୨ ଓଭରରେ ୪ଉଇକେଟ ହରାଇ ୧୬୧ ରନ୍ କରିବା ସହ ମ୍ୟାଚରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ସେବା ସମବାୟ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ ଅମରେନ୍ଦ୍ର ଗଙ୍ଗଦେବ ଓ ପୂର୍ବତନ କ୍ରିକେଟ ଖେଳାଳି ପ୍ରତାପ ଦେବ ଯୋଗ ଦେଇଥିଲେ। ଅମ୍ପାୟାର ଭାବେ ଦିଲୁ ଦାସଭାୟା ଓ ମୁକେଶ ଦଳାଇ ପରିଚାଳନା କରିଥିବା ବେଳେ ବେଣୁଧର ପ୍ରଧାନ ଓ ମୁକେଶ ଦଳାଇ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସେହିପରି କ୍ଲବର ଉପ ସଭାପତି ପ୍ରିତମ ବେହେରା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ସମ୍ପାଦକ ରାଜୀବ ଗଡ଼ନାୟକ, ସିପୁନ ଭଞ୍ଜ, ଦୀପକ ସାହୁ, ତନ୍ମୟ ଘୋଷ, ଭରତ ସାହୁ, ଅରୁଣ ଭଞ୍ଜ ରାଜେଶ ସାହୁ, ଆଶିଷ ଦଣ୍ଡିଆ, ରାକେଶ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ଲବର ସଭାପତି କାର୍ତ୍ତିକ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।




# କୁମ୍ଭାରବନ୍ଧରେ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା, ୨୬।୨ (ସମିସ):** କୁମ୍ଭାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତା କରିଥିଲେ। ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ବିଡିଓ ବିନୟ ପଟେଲ, ତହସିଲଦାର ସଦାକାର କୁମ୍ଭାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୩୫ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୨୧ଟି ବ୍ୟକ୍ତିଗତ ୧୪ଟି ସାମୂହିକ ଥିଲା। ସିଂହାଇପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନୂତନ ଶ୍ରେଣୀ ଗୃହ ନିର୍ମାଣ, କୁର୍ମୀମାଲରେ କଟା ପୁନରୁଦ୍ଧାର, ବାଉସେନପାଲି ଅଙ୍ଗନବାଡ଼ି କର୍ମୀ ଓ ସହକର୍ମୀଙ୍କ ବିରୋଧରେ ଅଭିଯୋଗ, ଡୁଙ୍ଗୁରିପାଲିବାସୀଙ୍କୁ ଜମି ପଟ୍ଟା ପ୍ରଦାନ, କୁମ୍ଭାରବନ୍ଧର ବିଭିନ୍ନ ପଡ଼ା ଓ ଟିଂଗିରାବନ୍ଧ ପୋଖରୀକୁ ବ୍ୟବହାର ଉପଯୋଗୀ କରାଯିବା, ଡିହିପହର (ପୁରୁଣା ଟଂପେଲା) ସ୍ଥିତ ସମଲେଇ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ପାଚେରୀ ନିର୍ମାଣ, ତାଳବେର୍ଣ୍ଣା ଛକରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କଂକ୍ରିଟ କରାଯିବା, ଓପିଜିସି ପାଉଁଶ ଦ୍ୱାରା ରେଙ୍ଗାଲି ମୌଜାରେ ହେଉଥିବା ପ୍ରଦୂଷଣ, କୁମ୍ଭାରବନ୍ଧ, ପିପିଲିକାନି, ଟଂପେଲା ଓ ତିଲିଆ ପଞ୍ଚାୟତରେ କୁଚିଆ ମଦ ଭାଟି ବନ୍ଦ କରାଯିବା, ଟଂପେଲା ସେତୁରୁ କୁମ୍ଭାରବନ୍ଧ ପର୍ଯ୍ୟନ୍ତ ରାସ୍ତା କ୍ଷମତାଠାରୁ ଅଧିକ ଓଜନର ଓପିଜିସିର ପାଉଁଶ ଯାନ ଯାତାୟାତ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହେବା ଆଦି ସାମୂହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା।

# ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ା ହୃଦ୍‌ରୋଗ ଚିକିତ୍ସାଳୟ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୨୬ ।୨(ସମିସ) :** ଝାରସୁଗୁଡ଼ାରେ ବହୁ ପ୍ରତୀକ୍ଷିତ ହୃଦ୍‌ରୋଗ ଚିକିତ୍ସାଳୟ ଉଦ୍‌ଘାଟନ ହୋଇଛି। ସରକାରୀ-ଘରୋଇ ସହଭାଗିତା (ପିପିପି) ମୋଡ଼ରେ ନିର୍ମିତ ଓ ପରିଚାଳିତ ଏହି ଅତିବିଶିଷ୍ଟ ଚିକିତ୍ସାଳୟକୁ ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଲୋକାର୍ପଣ କରିଛନ୍ତି। ୫-ଟି ରୂପାନ୍ତରଣ ଅନ୍ତର୍ଗତ 'ଆମ ହସ୍ପିଟାଲ' ଦ୍ୱିତୀୟ ପର୍ଯ୍ୟାୟ ଲୋକାର୍ପଣ ଅବସରେ ଏହାର ଉଦ୍‌ଘାଟନ କରାଯାଇଛି। କୋଲକାତାର ବିଏମଆରସି ହସ୍ପିଟାଲ ଏହାର ପରିଚାଳନା କରିବ। ଚିକିତ୍ସାଳୟର ନାମକୁ ନେଇ ପୂର୍ବରୁ ଅନେକ ବାଦ ବିବାଦ ହୋଇ ଆସୁଥିବା ବେଳେ ପରିଚାଳନା ସଂସ୍ଥାର ନାମ ଆଧାରରେ ଏହାର ନାମ 'ବିଏଆରସି କାର୍ଡିଆକ୍ କେୟାର ହସ୍ପିଟାଲ' ରଖାଯାଇଛି। ଆସନ୍ତା ମାର୍ଚ୍ଚ ପହିଲାରୁ ଏଠାରେ ବହିର୍ବିଭାଗ ଚିକିତ୍ସା ସେବା ଆରମ୍ଭ ହେବାକୁ ଥିବାବେଳେ ଜୁନ ସୁଦ୍ଧା ଅସ୍ତ୍ରୋପଚାର ସହିତ ଡାକ୍ତରଖାନା ପୂର୍ଣ୍ଣକ୍ଷମ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଓ ବିଏମଆରସି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହି ଅବସରରେ ବିଏମଆରସିର ପରିଚାଳନା

## ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଲୋକାର୍ପଣ

ଅଧ୍ୟକ୍ଷା ମିତା ଦାସ ଓ ମୁଖ୍ୟ ପରିଚାଳନା ଅଧିକାରୀ ଡ. ପାର୍ଥସାରଥୀ ମୋଦକ କହିଛନ୍ତି ମାର୍ଚ୍ଚ ପହିଲାରୁ ବହିର୍ବିଭାଗ ସେବା ଆରମ୍ଭ କରାଯିବ। କିନ୍ତୁ ତା ପୂର୍ବରୁ ପ୍ରତ୍ୟେକ ବ୍ଲକରେ ଚିକିତ୍ସା ଶିବିର ମାନ ଆୟୋଜନ କରି ରୋଗୀ ଚିହ୍ନଟ ଓ ସଚେତନତା କାମ ଆରମ୍ଭ କରାଯାଇଛି। ଏଠାରେ ୨୪ଜଣ ବିଶେଷଜ୍ଞ ଡାକ୍ତର ନିୟୋଜିତ କରାଯାଇ ସାରିଛି। ଏଥିରେ ୩ଜଣ କାର୍ଡିଓଲଜିଷ୍ଟ ସମେତ ମେଡ଼ିସିନ, ଡାୟବେଟିସ, ଦନ୍ତ, ଚକ୍ଷୁ, ଅସ୍ଥିଶଲ୍ୟ ଆଦି ଭିନ୍ନ ଭିନ୍ନ ବିଭାଗର ବିଶେଷଜ୍ଞ ନିୟୋଜିତ ଅଛନ୍ତି। ତେବେ ଏଥିରୁ କାର୍ଡିଓଲଜିଷ୍ଟ ଡାକ୍ତରମାନେ ପୂର୍ଣ୍ଣକାଳୀନ ଓ ଆବାସିକ। ଅନ୍ୟ ଡାକ୍ତରମାନେ ଆବଶ୍ୟକତାସ୍ଥଳେ ସେବାରେ ଉପଲବ୍ଧ ରହିବେ। ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦୀପାଳି ଦାସ ଏହି ଡାକ୍ତରଖାନା ସମଗ୍ର ରାଜ୍ୟର ଲୋକଙ୍କ ହୃଦ୍‌ରୋଗ ଚିକିତ୍ସା ପାଇଁ ଏକ ଆଶା ଓ ଭରସାର କେନ୍ଦ୍ର ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଏହାସହ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ତାଙ୍କ ସ୍ୱର୍ଗୀୟ ପିତା ନବକିଶୋର ଦାସ ଓ ଅନୁଦାନ ମଞ୍ଜୁର କରିଥିବା ଏମସିଏଲକୁ ଏହାର ଶ୍ରେୟ ଦେଇଛନ୍ତି। ଏମସିଏଲ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ପ୍ରାୟ ୧୦୪ କୋଟି ଟଙ୍କା ଅନୁଦାନରେ ନିର୍ମିତ ଏହି ଡାକ୍ତରଖାନା ପ୍ରାରମ୍ଭରୁ ଘରୋଇ-ସରକାରୀ ସହଭାଗିତାରେ ପରିଚାଳନା କରାଯିବା ନିଷ୍ପତ୍ତି ହୋଇଥିଲା।

# ଅମୃତ ଭାରତ ରେଳ ଷ୍ଟେସନ ଶିଳାନ୍ୟାସ

**ଝାରସୁଗୁଡ଼ା, ୨୬।୨ (ସମିସ):** ଅମୃତ ଭାରତ ରେଳ ଷ୍ଟେସନ ଯୋଜନାରେ ଝାରସୁଗୁଡା ରୋଡ୍ ରେଳ ଷ୍ଟେସନ, ବେଲପାହାଡ ରେଳ ଷ୍ଟେସନ ଏବଂ ବ୍ରଜରାଜନଗର ରେଳ ଷ୍ଟେସନ ସାମିଲ ହୋଇଛି। ସୋମବାର ଭିଡିଓ କନଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସବୁ ଷ୍ଟେସନଗୁଡ଼ିକର ଶିଳାନ୍ୟାସ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡା ଜିଲ୍ଲାରେ ୬ଟି ଅଣ୍ଡରବ୍ରିଜ, ୩ଟି ଓଭର ବ୍ରିଜ ଏବଂ ଗୋଟିଏ ଲିମିଟେଡ଼ ହାଇଟ୍ ସବୱେର ଶିଳାନ୍ୟାସ ଏବଂ ଲୋକାର୍ପଣ କରିଛନ୍ତି। ଏହି ଶିଳାନ୍ୟାସ ଏବଂ ଉଦଘାଟନ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡା ବିଧାୟିକା ଦୀପାଳି ଦାସ, ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖଙ୍କସହ ରେଳବାଇ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ଲୋକେ ଉପସ୍ଥିତ ଥିଲେ।



# ଭେଡେନ ବ୍ଲକ୍‌ସ୍ତରୀୟ ମନରେଗା ସାମାଜିକ ସମୀକ୍ଷା

**ଭେଡେନ, ୨୬।୨(ସମିସ)**

ଭେଡେନ ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ କାର୍ଯ୍ୟଗୁଡ଼ିକର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଡେନ ବିଡିଓ ତ୍ରିପୁର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଏବିଡିଓ ପ୍ରିତେଶ ଦୋରା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ରନାଥ ମୁର୍ମୁ, ଯୋଗାଣ ନିରୀକ୍ଷକ ଅଜୟ କେରକେଟା, ବ୍ଲକ ସାମାଜିକ ସମୀକ୍ଷକ ସୁନୀଲ ଦାଶ, ଏପିଓ ଶିବନାରାୟନ ରାଉତ ଏବଂ ଅନ୍ୟ କର୍ମଚାରୀ ତଥା ଶ୍ରମିକମାନେ ଯୋଗ ଦେଇଥିଲେ। ବିଡିଓ ସମସ୍ତ ସମସ୍ୟାଗୁଡ଼ିକୁ ୭ଦିନ ଭିତରେ ସମାଧାନ କରିବାକୁ ଜିଆରଏସ, ପିଇଓ, ଜେଇଙ୍କୁ କହିଥିଲେ। ଚଳିତ ଆର୍ଥିକବର୍ଷରେ ୮୪୫ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୩୧ଟି ସମ୍ପୂର୍ଣ୍ଣ ହୋଇଛି। ସେହିପରି ୧,୧୯,୬୫୦ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ୨କୋଟି ୮୨ଲକ୍ଷ୭ ୯ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାର ପ୍ରକାଶ କରାଯାଇଥିଲା।



## ଦେବଗଡ଼ ଗସ୍ତରେ '୫-ଟି' ଅଧ୍ୟକ୍ଷ

# ସାଢ଼େ ୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମିଳିଲା 'ନୂଆ-ଓ' ଛାତ୍ରବୃତ୍ତି



ଦେବଗଡ଼, ୨୬।୨(ସମିସ)

'୫-ଟି' ଅଧ୍ୟକ୍ଷ ଭି. କେ ପାଣ୍ଡିଆନ ସୋମବାର ଦେବଗଡ଼ ଜିଲ୍ଲା ଗସ୍ତରେ ଆସି ୟୁଜି ଓ ପିଜି ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ମଧ୍ୟାହ୍ନ ସାଢେ ବାରଟା ସମୟରେ ପ୍ରଧାନପାଟ ରୋଡ଼ ସ୍ଥିତ ବଡ଼ବଗିଚା ପଡ଼ିଆଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ଼ରେ ଶ୍ରୀ ପାଣ୍ଡିଆନ ଅବତରଣ କରିବା ପରେ କାର୍ଯ୍ୟକ୍ରମସ୍ଥଳୀରେ ପହଞ୍ଚି ୟୁଜି ଓ ପିଜି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଜିଲ୍ଲାର ତିନୋଟି ବ୍ଲକରେ ଥିବା ମୋଟ ୧୧ ଟି ଡିଗ୍ରୀ ମହାବିଦ୍ୟାଳୟର ୩୫୨୪ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷାପାଇଁ ନୂଆ-ଓ କାର୍ଯ୍ୟକ୍ରମ ଯୋଜନାରେ ୩କୋଟି ୫୦ଲକ୍ଷ ୮୪ ହଜାର ଟଙ୍କାର ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି। ଏଥି ମଧ୍ୟରେ ୧୪୮୭ ଛାତ୍ର ଥିବା ବେଳେ ୨୦୩୭ ଛାତ୍ରୀ ଥିବା ଜଣା ପଡ଼ିଛି। ଏଥି ମଧ୍ୟରୁ କଂସରସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୮୩ ଛାତ୍ର ଓ ୮୫ ଛାତ୍ରୀ ଥିବା ବେଳେ ବୁଢାପାଳ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୧୬୨ ଛାତ୍ର ଓ ୨୪୮ ଛାତ୍ରୀ, ଦେବଗଡ଼ ଆଦର୍ଶ ମହାବିଦ୍ୟାଳୟର ୩୦୪ ଛାତ୍ର ଓ ୩୭୬ ଛାତ୍ରୀଙ୍କୁ ବୃତ୍ତି ମିଳିଛି। ସେହିପରି କଳା ସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜର ୧୮୦ ଛାତ୍ର ଓ ୨୯୧ ଛାତ୍ରୀ, ଦେବଗଡ଼ ଡିଗ୍ରୀ କଲେଜର ୪୫୫ ଛାତ୍ର ଓ ୩୫୬ ଛାତ୍ରୀ ପଲସମା ବିଜ୍ଞାନ ଡିଗ୍ରୀ କଲେଜର ୯୩ ଛାତ୍ର ଓ ୫୨ ଛାତ୍ରୀ, ବାରକୋଟ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ୮୦ ଛାତ୍ର ଓ ୨୦୮ ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି। ସ୍ୱାମୀ ଶିବାନନ୍ଦ ସଂସ୍କୃତ କଲେଜର ୩୧ ଛାତ୍ର ଓ ୧୦୭ ଛାତ୍ରୀ, ନୂଆପଡ଼ା ସ୍ଥିତ ଲଳିତ ଅନନ୍ତ ସେବାଶ୍ରମ ମହାବିଦ୍ୟାଳୟର ୫୧ ଛାତ୍ର ଓ ୩୪ ଛାତ୍ରୀ, ମହିଳା ଡିଗ୍ରୀ ମହାବିଦ୍ୟାଳୟର ୧୬୪ ଛାତ୍ରୀ ଓ ରିଆମାଳ ଡିଗ୍ରୀ କଲେଜର ୪୮ ଛାତ୍ର ଓ ୧୧୬ ଛାତ୍ରୀ ଥିବା ଜଣା ପଡ଼ିଛି। ଏହି ଛାତ୍ର ବୃତ୍ତି ରାଶି ଛାତ୍ରୀଙ୍କ ପାଇଁ ୧୦ ହଜାର ଟଙ୍କା ଓ ଛାତ୍ରଙ୍କ ପାଇଁ ୯ ହଜାର ଟଙ୍କା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ଜମା ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ଶାନ୍ତି ଶୃଙ୍ଖଳା, ସୁରକ୍ଷା ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏସପି ରାମ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ ମୁତୟନ ହୋଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ଛାତ୍ରଛାତ୍ରୀ ମାନେ ମଧ୍ୟ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

## ସେଲ୍‌ଫି ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା

ଦେବଗଡ଼ ଜିଲ୍ଲାରେ 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ଅବସରରେ ୫-ଟି ଅଧ୍ୟକ୍ଷଙ୍କ ସହ ସେଲ୍‌ଫି ନେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ଦେଖି ନିଜେ ଶ୍ରୀ ପାଣ୍ଡିଆନ ମଧ୍ୟ ଦୀର୍ଘ ସମୟ ଧରି ସମସ୍ତ ଛାତ୍ରଛାତ୍ରୀଙ୍କ ସହ ହାତ ମିଳାଇବା ସହ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଛାତ୍ର ବୃତ୍ତି ଟଙ୍କା ଆସିଲା ନା ନାହିଁ ପଚାରି ବୁଝିଥିଲେ। ଏଥିସହ ଛାତ୍ର ଛାତ୍ରୀଙ୍କ ସହ ଫଟୋ ଉଠାଇ ଥିଲେ।



## ମାର୍ଚ୍ଚ ୫ରୁ ଛାତ୍ରଛାତ୍ରୀଙ୍କୁ ମ୍ୟାଜିକ କାର୍ଡ

'୫-ଟି' ଅଧ୍ୟକ୍ଷଙ୍କ ଦେବଗଡ଼ ଜିଲ୍ଲାରେ 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ଅବସରରେ ଆଗାମୀ ମାର୍ଚ୍ଚ ୫ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମ୍ୟାଜିକ କାର୍ଡର ଶୁଭାରମ୍ଭ କରିବାକୁ ଯାଉଥିବା ସୂଚନା ଦେଇଥିଲେ। ମ୍ୟାଜିକ କାର୍ଡଟି ବେସ କାର୍ଡ ଥିବା ବେଳେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଆକ୍ଟିଭିଟିର ମୂଲ୍ୟାଙ୍କନ କରାଯାଇ କାର୍ଡର କ୍ଷମତା ବୃଦ୍ଧି ସହ ଏହା ଅଧିକ ଭଲ ସ୍କୋର ଥିଲେ ସିଲଭର, ଗୋଲ୍ଡ଼ ଓ ପ୍ଲାଟିନମକୁ ବୃଦ୍ଧି କରାଯିବ ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିଥିଲେ। ଏହାକୁ ବ୍ୟବହାର କରି ଛାତ୍ରୀଛାତ୍ରମାନେ ଅନଲାଇନ ଶିକ୍ଷା, ମୋବାଇଲ ରିଚାର୍ଜ, ଟିଉସନ ଫି ଆଦିରେ କାର୍ଡକୁ ବ୍ୟବହାର କରି ନିଜର ଉଚ୍ଚ ଶିକ୍ଷାକୁ ନିର୍ବିଘ୍ନରେ ଆଗକୁ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 'ଆମ ହସ୍ପିଟାଲ' ଲୋକାର୍ପିତ



**ଦେବଗଡ଼, ୨୬।୨(ସମିସ):** ୧୫ ଜିଲ୍ଲାର ୬୬ଟି ସରକାରୀ ଚିକିତ୍ସାଳୟର ଆମ ହସପିଟାଲରେ ରୂପାନ୍ତର ଅବସରରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଆମ ହସ୍ପିଟାଲ ରୂପାନ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଦେବଗଡ଼ ଜିଲ୍ଲାରେ ଆମ ହସ୍ପିଟାଲକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ନୂଆ ବସଷ୍ଟାଣ୍ଡ ପରିସରରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଆମ ହସ୍ପିଟାଲ ଯୋଜନାରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ ନିମନ୍ତେ ୬ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ପାର୍କ, ହର୍ବାଲ ଗାର୍ଡେନ, ଆଲୋକୀକରଣ ଭଳି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଞ୍ଜିଆ ଭୋଇ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ର, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ତଥା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉମେଶ ପ୍ରସାଦ ଷଡ଼ଙ୍ଗୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## '୫-ଟି' ଅଧ୍ୟକ୍ଷଙ୍କ ସହିତ ଛାତ୍ରଛାତ୍ରୀଙ୍କ ଆବେଗର ମୁହୂର୍ତ୍ତ



















# ଟ୍ରାକ୍ଟର ଶୋଭାଯାତ୍ରା କରି କୃଷକ ଆନ୍ଦୋଳନକୁ ସମର୍ଥନ

**ସମ୍ବଲପୁର, ୨୬।୨(ସମିସ):** ଜାତୀୟ ସ୍ତରରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ସମ୍ବଲପୁର ମହାନଗରରେ ଏକ ବିଶାଳ ଟ୍ରାକ୍ଟର ରାଲି କରାଯାଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଏବଂ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ଏହାର ନେତୃତ୍ୱ ନେଇଥିଲେ। ବରେଇପାଲି ମାର୍କେଟ ୟାର୍ଡ ପାଖରେ ଥିବା ଗ୍ରାମମାନଙ୍କରୁ ଚାଷୀମାନେ ପ୍ରାୟ ୫୦ଟି ଟ୍ରାକ୍ଟର ଓ ଟ୍ରଲି ସହିତ ସହର ଉପକଣ୍ଠସ୍ଥିତ ଜାତୀୟ ରାଜପଥ ପରିକ୍ରମା କରିଥିଲେ। କୃଷକ ନେତା ଅଶୋକ ପ୍ରଧାନ, ହରିଶଙ୍କର ପୁରୋହିତ, ସରୋଜ, ଉମେଶ ମିଶ୍ର, ଦେବେନ୍ଦ୍ର କୁମାର ପ୍ରଧାନ, ବ୍ୟୋମୋକେଶ ଠାକୁର, ଏମ୍. ଗୋବିନ୍ଦୁ, ନାଟୁ ବିଶ୍ୱାଳ, ଦିଲ୍ଲୀ ସାହୁ, ଜଗଦାନନ୍ଦ ନାୟକ, ବିପୀନ୍ ବିହାରୀ ସାହୁ, ଭୈରବ ଚନ୍ଦ୍ର ନାୟକ, ସୁଶାନ୍ତ ପଣ୍ଡା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ବିଶ୍ୱ ବାଣିଜ୍ୟ ସଂଗଠନର ଚାଷୀ ବିରୋଧୀ ନୀତି, ଚାଷୀ ଆନ୍ଦୋଳନ ଉପରେ ଦମନ, କୃଷି କ୍ଷେତ୍ରରେ କମ୍ପାନୀକରଣର ପ୍ରତିବାଦ ସହିତ ଶସ୍ୟର ଏମ୍ଏସ୍‌ପିକୁ ଆଇନଗତ ମାନ୍ୟତା, ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶ୍ ଆଧାରରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପ୍ରଭୃତି ଦାବି ନେଇ ଏହି ଶାନ୍ତିପୂର୍ଣ୍ଣ ଟ୍ରାକ୍ଟର ରାଲି କରାଯାଇଥିଲା।




ବିନିକାରୁ ଅପହୃତ ବ୍ୟବସାୟୀ ବୁର୍ଲାରୁ ଉଦ୍ଧାର

# ମାଡ଼ ମାରି ୮୦ହଜାର ଲୁଟ୍ ଅଭିଯୋଗ

**ବୁର୍ଲା, ୨୬।୨(ସମିସ)**

ବିନିକାରୁ ଅପହରଣ ହୋଇଥିବା ସାର ବ୍ୟବସାୟୀଙ୍କୁ ବୁର୍ଲାରୁ ଉଦ୍ଧାର କରାଯାଇଛି। ଅପହରଣ କରିନେଉଥିବା ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କୁ ବୁର୍ଲାରେ ଛାଡ଼ି ପଳାଇଥିଲେ। ବୁର୍ଲାରେ ଛାଡ଼ି ପଳାଇବା ଫଳରେ ବ୍ୟବସାୟୀ ଜଣକ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। ତେବେ ବ୍ୟବସାୟୀଙ୍କୁ ରାସ୍ତାରେ ମାଡ଼ ମାରିବା ସହ ୮୦ହଜାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ସୋନପୁର ଜିଲ୍ଲା ବିନିକାର ଅଶୋକ କୁମାର ଦାନି ପେଶାରେ ଜଣେ ସାର ଓ ଧାନ ବ୍ୟବସାୟୀ ହୋଇଥିବାବେଳେ ସେ ବିନିକା କଲେଜ ଛକରେ ସତ୍ୟମ୍ ଏଣ୍ଟରପ୍ରାଇଜେସ ନାଁରେ ଏକ ପେଷ୍ଟିସାଇଡ୍ ଦୋକାନ କରିଛନ୍ତି। ସେ ଆଜି ରାତ୍ରି ୮ଟା ୨୫ ସମୟରେ ଦୋକାନ ବନ୍ଦ କରି ତାଙ୍କ ଦୋକାନରେ କାମ କରୁଥିବା ବୁଲୁ ନାମକ ଏକ ଯୁବକ ସହ ଦାନିପାଲିସ୍ଥିତ ଘରକୁ ଫେରୁଥିଲେ। ବାଟରେ କିଛି ଜଣ ବ୍ୟକ୍ତି ଏକ କାର୍ ଯୋଗେ ଆସି ତାଙ୍କୁ ଅଟକାଇବା ସହ ଅପହରଣ କରିନେଇଥିଲେ। ଏହାସହ ଫୋନ ମଧ୍ୟ ନେଇଯାଇଥିଲେ। ତେବେ ବିନିକା ଥାନାର ବୁଲୁ ନାମକ ଉକ୍ତ ଯୁବକ ଖବର ଦେବା ପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଥାନାକୁ ଜଣାଇଥିଲା ପୁଲିସ। ଏହାପରେ ପୁଲିସ ଭୟରେ ଅପହରଣକାରୀମାନେ ଅଶୋକଙ୍କୁ ବୁର୍ଲା ଗୋଲଗୁଣ୍ଡା ନିକଟରେ ଛାଡ଼ି ପଳାଇଥିଲେ। ସେମାନେ ଅଶୋକଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ଖବର ପାଇ ବୁର୍ଲା ପୁଲିସ ବ୍ୟବସାୟୀଙ୍କୁ ଉଦ୍ଧାର କରିଛି। ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ କାର ଭିତରେ ପ୍ରବଳ ମାଡ଼ ମାରିଥିବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ରକ୍ତ ବାହାରୁଥିବା ଦେଖାଯାଇଛି। ମୁହଁ ଫୁଲି ଯାଇଥିବାବେଳେ ସେ ଠିକ୍ ଭାବରେ କଥା କହି ପାରୁନାହାନ୍ତି। ଫଳରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଅଧିକ ତଦନ୍ତ କରୁଛି ବୁର୍ଲା ପୁଲିସ।



# ଦୀପକ ପାଣ୍ଡେଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




**ସମ୍ବଲପୁର, ୨୬।୨(ସମିସ):** ସମ୍ବଲପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ଦୀପକ ପାଣ୍ଡେଙ୍କୁ ହୁସେନ ଇଣ୍ଟରନ୍ୟାସନାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ରାଜଧାନୀ ଦିଲ୍ଲୀର ଏକ କ୍ଲବ ଠାରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁଳପତି ଡକ୍ଟର ନିହେରେନ ଲେହୁଟି କୁଳସଚିବ ସେନଡି ଚୁଙ୍ଗ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଟେଞ୍ଜଲ ବୈଶିଷ୍ଟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ନିଶିକାନ୍ତ ଓଝାଙ୍କ ସମେତ ଦେଶର ବହୁ ଶିକ୍ଷାବିତ ଉପସ୍ଥିତ ଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ

**ବୁର୍ଲା/ସମ୍ବଲପୁର, ୨୬।୨(ସମିସ):** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଏବଂ ଏହାର ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ ଏକ ମଜବୁତ ସମ୍ପର୍କ ଏବଂ ଦୀର୍ଘମିଆଦୀ ସହଭାଗିତା ଗଠନ ଲକ୍ଷ୍ୟରେ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ ହୋଇଯାଇଛି। ସମ୍ବଲପୁରର ହୋଟେଲ ଗ୍ରାଣ୍ଡ ଶିବାଠାରେ ଭାରତ ସମେତ ରାଜ୍ୟ ଏମଏସଏମଇ ବିଭାଗ ଅଧିନରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଯୋଗାଣକାରୀ ତଥା ଉତ୍ପାଦନକାରୀ ସଂଗଠନ ଏଥିରେ ଯୋଗଦାନ କରିଥିଲେ। ଏହି ବ୍ୟବସାୟିକ ସହଯୋଗୀ ସମ୍ମିଳନୀରେ କମ୍ପାନୀର ଅପରେସନ ବିଭାଗର ମୁଖ୍ୟ, ବ୍ୟବସାୟ ବିଭାଗର ମୁଖ୍ୟ, କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ ବିଭାଗର ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ। କମ୍ପାନୀର କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ ବିଭାଗର ମୁଖ୍ୟ ରାହୁଲ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୁଣବତ୍ତା, ନୈତିକତା, ସମୟାନୁବର୍ତ୍ତୀ ବିତରଣ ଏବଂ ଦୀର୍ଘକାଳୀନ ସହଭାଗିତା ଉପରେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବ୍ୟବସାୟୀ ସହଯୋଗୀଙ୍କୁ ଉତ୍ସାହିତ କରିବାକୁ ଯାଇ ଟ୍ରାନ୍ସଫରମର୍, କେବୁଲ, କଣ୍ଡକ୍ଟର, ବିଦ୍ୟୁତ୍ ପୋଲ, ମିଟର ଏବଂ ମିଟର ବକ୍ସ ଇତ୍ୟାଦି ସାମଗ୍ରୀକୁ ଆଗାମୀ ଦିନରେ ଓଡ଼ିଶାରେ ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବିଲ୍ ଦେବା ପାଇଁ ସିଜିଟେକ୍ ସଫ୍ଟୱେର ଆରମ୍ଭକୁ ବ୍ୟବସାୟୀ ସୋହଯୋଗୀମାନେ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ ପରିଚାଳକମାନେ ସେମାନଙ୍କର ମତ ଉପସ୍ଥାପନା କରିଥିଲେ। କମ୍ପାନୀର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀମାନେ ବ୍ୟବସାୟୀ ସୋହଯୋଗୀଙ୍କ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦର ଗୁଣବତ୍ତା, ବିତରଣ ସମୟସୀମା ଏବଂ ନିରାପତ୍ତାକୁ ଉନ୍ନତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ହେଡ୍-କଣ୍ଟ୍ରାକ୍ଟ ସମ୍ବିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ମାର୍ଚ୍ଚ ୧ରେ ଆଇଆଇଏମ୍‌ରେ ଦିନିକିଆ ସମ୍ମିଳନୀ

**ସମ୍ବଲପୁର, ୨୬।୨(ସମିସ):** ଆସନ୍ତା ମାର୍ଚ୍ଚ ୧ରେ ଆଇଆଇଏମ୍ ସମ୍ବଲପୁରରେ ଦିନିକିଆ ୧୦୦କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ ହେବ। ଭାରତରେ ଉଦ୍ୟମିତା ଭାବକୁ ସୁଦୃଢ଼, ନବସୃଜନ ଓ ମୂଲ୍ୟ ସୃଷ୍ଟି କରିବା ପାଇଁ ଯୁବବର୍ଗଙ୍କୁ ସଶକ୍ତ କରିବା ଏହାର ଲକ୍ଷ୍ୟ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଇଆଇଏମ୍ ସମ୍ବଲପୁର ସହଯୋଗିତାରେ ଏହା ହେବ। ଏହି ସ୍ୱତନ୍ତ୍ର ଷ୍ଟାର୍ଟଅପ୍ ଅଭିଯାନରେ ୨୦୩୬ ବେଳକୁ ଓଡ଼ିଶା ଏହାର ଶତବାର୍ଷିକୀ ପାଳନ କରିବ। ଏହି ଅବସରରେ ପ୍ରାୟ ୯୦୦ କୋଟି ଟଙ୍କା ମୂଲ୍ୟ ଲେଖାଏଁର ୧୦୦ଟି ଷ୍ଟାର୍ଟଅପ୍ ସ୍ଥାପନ କରିବାକୁ ଉଦ୍ୟମ କରାଯିବ। ଅନ୍ତର୍ଭୁକ୍ତକରଣ ଆଞ୍ଚଳିକ ବିକାଶକୁ ନେଇ ଆଇଆଇଏମ୍ ସମ୍ବଲପୁ ର ରେ ର ହି ଥି ବା ମୂଳ ମୂଲ୍ୟବୋଧ ଅନୁସାରେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ଉଦ୍ୟମିତା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମ ଷ୍ଟାର୍ଟଅପ୍‌ଗୁଡ଼ିକୁ ସେମାନଙ୍କ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବା ସହ ବିଭିନ୍ନ ଅଂଶୀଦାରଙ୍କ ସହ ବ୍ୟାପକ ସହାୟତା ଓ ନେଟ୍‌ୱର୍କିଂ ସୁଯୋଗ ପ୍ରଦାନ କରିବା, ବୟନ, କଳା ଓ ସଂସ୍କୃତି, କୃଷି, ସ୍ୱାସ୍ଥ୍ୟସେବା, ଆର୍ଥିକ ଓ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣ, ଆଦିବାସୀ ଉଦ୍ୟମିତା ଓ ସ୍ଥାୟିତ୍ୱ ଭଳି ସ୍ଥାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ବିକାଶକୁ ଆଗକୁ ବଢ଼ାଇବା ଲାଗି ସହଯୋଗିତା ଓ ସହବନ୍ଧନକୁ ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମରେ ଏକ ପ୍ରଦର୍ଶନୀ ମେଳା ଆୟୋଜନ କରାଯିବ। ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଏବଂ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକରୁ ୫୦ ଷ୍ଟାର୍ଟଅପ୍‌କୁ ପ୍ରଦର୍ଶିତ କରାଯିବ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଷ୍ଟାର୍ଟଅପ୍ମାନଙ୍କୁ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ପ୍ରଦାନ କରିବା ସହିତ ଏବଂ ଭେଞ୍ଚର କ୍ୟାପିଟାଲ୍ (ଭିସି) ଓ ନିବେଶକ ସମୁଦାୟ ସମେତ ୧୨୦ ପ୍ରତିନିଧି ଅଂଶଗ୍ରହଣ କରି ବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ର. ମହାଦେଓ ଜୟସ୍କାଲ କହିଛନ୍ତି।

# ସୁନା ଦୋକାନରୁ ଲୁଟ୍ କରି ଫେରାର ଉଦ୍ୟମ

**ଲୁଟେରାକୁ କାବୁ କରି ପିଟିଲେ, ପୁଲିସ ଜିମା ଦେଲେ**

**ସମ୍ବଲପୁର, ୨୬।୨(ସମିସ):** ପ୍ରାୟ ୨୦ ଦିନ ବ୍ୟବଧାନ ପରେ ସମ୍ବଲପୁର ସହରରେ ପୁଣି ସୁନା ଦୋକାନ ଉପରେ ଦୁର୍ବୃତ୍ତଙ୍କ ନଜର ପଡ଼ିଛି। ଦୋକାନର ସୁରକ୍ଷା କର୍ମୀଙ୍କୁ ଧକ୍କା ଦେଇ ୨ଗୋଟି ସୁନା ଚେନ ନେଇ ଫେରାର ହେଉଥିଲେ ଲୁଟେରା। ହେଲେ ସୁରକ୍ଷାକର୍ମୀ ପାଟି କରିବାରୁ ସ୍ଥାନୀୟ ଲୋକମାନେ ଦୁର୍ବୃତ୍ତଙ୍କୁ କାବୁ କରି ନେଇଥିଲେ। ଏହାପରେ ଉତ୍ତମ ମଧ୍ୟମ ଦେବା ସହ ପୁଲିସକୁ ଜିମା ଦେଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ଆଜି ସନ୍ଧ୍ୟାରେ ଅଇଁଠାପାଲି ଥାନା ବୁଢାରଜା ତନିସ୍କ ସୁନା ଅଳଙ୍କାର ଦୋକାନକୁ ଜଣେ ଦୁର୍ବୃତ୍ତ ଗ୍ରାହକ ଭାବେ ଆସିଥିଲେ। ଭିତରେ ପଶିବା ପରେ ସେଠାରେ ଥିବା ସେଲ୍ସ ମ୍ୟାନ୍‌ଙ୍କୁ ଅଳଙ୍କାର ଦେଖାଇବାକୁ କହିଥିଲେ। ପରେ ଦୁର୍ବୃତ୍ତ ଜଣକ ହାର ଦେଖାଇବାକୁ କହିଥିଲେ। ଦୋକାନ କର୍ମଚାରୀ ହାର ଗହଣା ଉପର ମହଲାରେ ଥିବା କହିବାରୁ ସେ ଉପରକୁ ଯାଇଥିଲେ। ସେଠାରେ ଥିବା ସେଲ୍ସ ମ୍ୟାନ୍ ବିଭିନ୍ନ ପ୍ରକାର ସୁନା ଗହଣା ଦେଖାଇଥିଲେ। ଦୁର୍ବୃତ୍ତ ଜଣକ ସେଥିରୁ କିଛି ଗହଣା ବାଛି ମଧ୍ୟ ଥିଲେ। ସେଠାରୁ କର୍ମଚାରୀ ଜଣକ ବିଲିଂ କରିବା ପାଇଁ ସୁନାକୁ ଧରି ତଳ ମହଲାରେ ଥିବା ବିଲିଂ କାଉଣ୍ଟରକୁ ନେଇ ଆସିଥିଲେ। କାଉଣ୍ଟର ପାଖରେ ସୁନାକୁ ରଖି ଦେଇଥିବା ବେଳେ ଦୋକାନ କର୍ମଚାରୀ ସେଠାରୁ ଚାଲିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣକ ସେଠାରେ କିଛି ସମୟ ଠିଆ ହୋଇଥିଲେ। ସୁଯୋଗ ଦେଖି କାଉଣ୍ଟର ପାଖରେ ଥିବା ସୁନାକୁ ଧରି ଖସି ପଳାଉଥିଲେ। ଏହା ଦେଖି ଗେଟ୍ ପାଖରେ ଥିବା ସିକ୍ୟୁରିଟି ଜଣକ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ଧକ୍କା ଦେଇ ଦୁର୍ବୃତ୍ତ ଜଣକ ସେଠାରୁ ଦୌଡ଼ି ପଳାଉଥିଲା। ଦୁର୍ବୃତ୍ତ ଖସି ପଳାଉଥିବା ନେଇ ସୁରକ୍ଷା କର୍ମୀ ପାଟିତୁଣ୍ଡ କରିବାରୁ ସ୍ଥାନୀୟ ଲୋକ କାବୁ କରିଥିଲେ। ଏହି ଘଟଣାରେ କେବଳ ଜଣଙ୍କ ସଂପୃକ୍ତି ରହିଛି ନା ର୍‌ୟାକେଟ୍ କାମ କରୁଛି ସେନେଇ ତଦନ୍ତ ଆରମ୍ଭ କରିଛି। ମାନେଶ୍ୱର ଓ ଗୋବିନ୍ଦତୋଳା ସୁନା ଦୋକାନରେ ଏହି ର୍‌ୟାକେଟ୍‌ର ସଂପୃକ୍ତି ରହିଛି କି ନାହିଁ ତାହା ମଧ୍ୟ ତଦନ୍ତ କରୁଛି ପୁଲିସ।

# ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**ସମ୍ବଲପୁର, ୨୬।୨(ସମିସ):** ଆଜି ସମ୍ବଲପୁର ତପସ୍ୱିନୀ ହଲ୍‌ଠାରେ ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମଳନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଓ ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ସମ୍ମିଳନୀକୁ ଡିପିଏଚ୍ଓ ଡା.ଅଶୋକ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସିଟି ମେଡିକାଲ ଅଫିସର ଡା. ମହେନ୍ଦ୍ର ନନ୍ଦ, ଏଡିପିଏଚଓ ଡା.ପ୍ରଦୀପ କୁମାର ହୋତା ଓ ଡା.ପ୍ରମୋଦ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ସହରକୁ ସୁସ୍ଥ ସହରରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାରେ ନଗର ସ୍ୱାସ୍ଥ୍ୟ ସମିତି ସିପିଏମ ନିକୁ ରଞ୍ଜନ ପ୍ରତିହାରୀ ମହିଳା ଆରୋଗ୍ୟ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହିତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ମହିଳା ଆରୋଗ୍ୟ ସମିତି ପକ୍ଷରୁ ବିଭିନ୍ନ ସଚେତନାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଲ୍ଲବୀ ରାୟ ସଂଯୋଜନା କରିଥିଲେ।



ଏହା ପୂର୍ବରୁ ମହିଳା ଆରୋଗ୍ୟ ସମିତି, ଆଶା, ଡାକ୍ତର, ଫାର୍ମାସିଷ୍ଟ ପ୍ରଭୃତି ସହଯୋଗୀ କର୍ମଚାରୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଏନ୍ଏଚ୍ଏସ୍ଏମ୍‌ର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



# ବିଜୁ ପ୍ରିମିୟର୍ ଲିଗ୍ ଜୋନ୍‌ସ୍ତରୀୟ ଫୁଟ୍‌ବଲ ଉଦ୍‌ଯାପିତ




**ସମ୍ବଲପୁର, ୨୬।୨(ସମିସ):** ଆଜି ହୀରାକୁଦ ସୁବାଷ ମଇଦାନରେ ଜୋନ୍‌ସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦର ୮, ୯, ୧୦, ୧୧, ୧୨ ନମ୍ବର ୱାର୍ଡ଼ରୁ ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ୱାର୍ଡ଼ ନମ୍ବର ୧୨ ବିଜୟୀ ହୋଇଥିବା ବେଳେ ୱାର୍ଡ଼ ନମ୍ବର ୧୦ ଉପବିଜେତା ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କୋଅର୍ଡିନେଟର୍ ଉତ୍ତମ ବାଗ୍ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ସମାଜସେବୀ କାର୍ତ୍ତିକ କଲେତ୍, ନାରୀ ନେତ୍ରୀ କୁନ୍ତୀ ସିଂ, ବରିଷ୍ଠ ନେତା ଅର୍ଜୁନ ସିଂହ ଓ ପୂର୍ବତନ ଜଣାଶୁଣା ଫୁଟବଲ ଖେଳାଳି ତଥା ବରିଷ୍ଠ ନେତା ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ପ୍ରହଲ୍ଲାଦ ତାଣ୍ଡି, କବି କୁମାର, ଶ୍ୟାମ ତାଣ୍ଡି, ବୁଲୁ ନାୟକ, ବିଶିକେଶନ ଓରାମ, କାହ୍ନା ପ୍ରମୁଖ ପରିଚାଳନା କରିଥିଲେ।

ଆଇନ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

# ମାନବିକ ମୂଲ୍ୟବୋଧ ସୁସ୍ଥ ସମାଜ ଗଠନ କରେ

**ସମ୍ବଲପୁର, ୨୬।୨ (ସମିସ)**

ମାନବାଧିକାର ସମ୍ମାନ ଓ ସୁରକ୍ଷା କରିବାକୁ ହେଲେ ଏକ ସଭ୍ୟ ସମାଜର ଆବଶ୍ୟକତା ରହିଛି। ସୁସ୍ଥ ସମାଜ ଗଠନ କରିବା ଆଜିର ଆହ୍ୱାନ। ଭାରତୀୟ ସମାଜ ଓ ସଂସ୍କୃତି ମାନବ ଅଧିକାରକୁ ଯଥେଷ୍ଟ ସମ୍ମାନ ଦେଇଆସିଛି। ବୈଦିକ କାଳରୁ ଥିବା ସ୍ତୁତି ବସୁଧୈବ କୁଟୁମ୍ବକଂର ଆଜି ଆବଶ୍ୟକତା ରହିଛି। ସମସ୍ତ ଅଧିକାର ମଧ୍ୟରୁ ମାନବ ଅଧିକାର ସର୍ବୋତ୍କୃଷ୍ଟ। ଏହାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଆଇନ ଛାତ୍ରଙ୍କ କର୍ତ୍ତବ୍ୟ ରହିଛି। ଭାରତୀୟ ଆଇନର ପ୍ରୟୋଗରେ ବିଳମ୍ବ ଓ ବିଚ୍ୟୁତି ଏଡ଼ାଇବାକୁ ହେଲେ ଆଇନ ଛାତ୍ରଙ୍କ ଭୂମିକା ରହିଛି। ସମ୍ବିଧାନର ଗଣ୍ଡି ଭିତରେ ରହି ସମାନତା ସ୍ୱାଧୀନତା ସ୍ୱତନ୍ତ୍ରତା ବଜାୟୀ ରଖିବା ଆଜିର ଆହ୍ୱାନ। ଭାରତୀୟ ଗଣତନ୍ତ୍ରକୁ ରକ୍ଷା କରିବାକୁ ହେଲେ ମାନବିକ ମୂଲ୍ୟବୋଧର ଯଥେଷ୍ଟ ପ୍ରୟୋଜନ ରହିଛି। ବିଭିନ୍ନ ନ୍ୟାୟାଳୟର ଆଦେଶ ରହିଥିବା ସ୍ୱତ୍ତେ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠିତ ହୋଇ ପାରିବ ବୋଲି ବିଶ୍ୱାସ ରଖିବା ଭାରତୀୟ ପରମ୍ପରା। ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି। ଆଜିର ଦ୍ୱିତୀୟ ଦିନର ଜାତୀୟ ସମ୍ପାନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଫେସର ଆଦିତ୍ୟ ପ୍ରଦାସ ପାଢ଼ୀ ଯୋଗ




ଦେଇ ଆଇନ କଲେଜରେ ଅନେକ ପାଠଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେଉଥିବା ଯୋଗୁଁ ଅଧ୍ୟକ୍ଷଙ୍କୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ଡ଼.ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପଣ୍ଡିତ ରବି ଶଙ୍କର କୁକ୍ଲା ବିଶ୍ୱବିଦ୍ୟାଳୟ ରାୟପୁର ଆଇନ ବିଭାଗର ପ୍ରଫେସର ଡ଼.ଦେବଦତ୍ତ ପୃଷ୍ଟି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶ୍ରୀକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏଥିରେ ୯ଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ତୃତୀୟ ଅଧିବେଶନରେ ପଣ୍ଡିତ ରବି ଶଙ୍କର କୁକ୍ଲା ବିଶ୍ୱବିଦ୍ୟାଳୟ ରାୟପୁର ଆଇନ ବିଭାଗର ଡ଼.ବେନୁଧର ରାଉତିଆ ଓ ଛତିଶଗଡ଼ ସରାକାରୀ ମହାବିଦ୍ୟାଳୟ ରାୟପୁରର ଅଧ୍ୟାପକ ଡ.ନବି ଖାନ୍ ଯୋଗ ଦେଇଥିଲେ। ଏଥିରେ ୭ଟି ପ୍ରବନ୍ଧ ଉପସ୍ଥାନ କରାଯାଇଥିଲା। ଚତୁର୍ଥ ଅଧିବେଶନରେ ପାନେଲ ଡିସକସନ୍ ହୋଇଥିଲା। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ ଦାସ ଓ ଢ଼େଙ୍କାନାଳ ଆଇନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବୀଜୟ ମହାପାତ୍ର ଓ ବରଗଡ଼ ବିକାଶ ଆଇନ କଲେଜର ଅଧ୍ୟକ୍ଷ ଡ଼.ବିକ୍ରମ କୁମାର ଦାସ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ମୋଟ୍ ୨୫ଟି ପ୍ରବନ୍ଧ ଉପସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଆକାଂକ୍ଷା ସାମନ୍ତ, ଅନୁଷ୍କା ପତି, ଦେବୀ ମିଶ୍ର, ଲାଲ ଗୋପାଳ ନନ୍ଦ, ଅବିନାଶ କେର୍କେଟ୍ଟୋ, ସୁଭଶ୍ରୀ ମୁନା, ନଗମା ଫିଜା ବେଗମ୍ ସହଯୋଗ କରିଥିଲେ। ସଭାରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ରେଳମଣ୍ଡଳରେ ଲୋକାର୍ପଣ, ଶିଳାନ୍ୟାସ

**ସମ୍ବଲପୁର, ୨୬।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀରେ ଅମୃତ ଷ୍ଟେସନ ଯୋଜନା ଅନୁସାରେ ଦେଶର ୫୫୪ର ରେଳ ଷ୍ଟେସନର ପୁର୍ନବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସମ୍ବଲପୁର ମଣ୍ଡଳର ଏକାଧୀକ ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏଥିରେ ରୋଡ଼ ଓଭରବ୍ରିଜ୍ ଓ ରୋଡ଼ ଅଣ୍ଡର ବ୍ରିଜ୍ ଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ ହୋଇଛି। ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେଙ୍କ ସମେତ ବିଭିନ୍ନ ଉଦ୍ଘାଟନ ସ୍ଥଳରେ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଅମୃତ ଷ୍ଟେସନ ଯୋଜନାରେ ସମ୍ବଲପୁର ଡିଭିଜନର ସମ୍ବଲପୁର ସିଟି, ଟିଟିଲାଗଡ଼, କେସିଙ୍ଗା ଓ ଝାରସୁଗୁଡ଼ା ରୋଡ଼ ରେଳଷ୍ଟେସନର ପୁନଃ ବିକାଶ କରାଯିବ। ସେହିପରି ଡିଭିଜନ ଅନ୍ତର୍ଗତ ମହାସମୁନ୍ଦ ୟାର୍ଡ଼, କଟାବାଞ୍ଜି ୟାର୍ଡ଼, ଗୋଡ଼ଭଗା-ଅତାବିରା, ନିକଟ ଓ ଦେବାହାଳରେ, ବରଗଡ଼, ବରଗଡ଼ ରୋଡ ୟାର୍ଡ, ଯୁଯୁମୁରା ୟାର୍ଡ ଓ ଝାରସୁଗୁଡ଼ା ରୋର୍ଡ ୟାର୍ଡରେ ରୋଡ ଓଭରବ୍ରିଜ୍ ଓ ଅଣ୍ଡରବ୍ରିଜ୍‌ଗୁଡ଼ିକର ଶିଳାନ୍ୟାସ ଓ ଲୋକର୍ପଣ କରିବେ। ଭାରତୀୟ ରେଳବାଇ ପ୍ରଧାନମନ୍ତ୍ରୀଙ୍କ ଭିଜନ୍ -୨୦୪୭କୁ ଫଳପ୍ରଦ କରିବା ପାଇଁ ଆଧୁନିକୀକରଣ ଓ ରେଳଯାତ୍ରୀମାନଙ୍କୁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବା ପାଇଁ ପୁନଃ ବିକାଶ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅମୃତ ଷ୍ଟେସନ ଯୋଜନାରେ ପରିବେଶକୁ ଦୃଷ୍ଟିରେ ରଖି ପ୍ରବେଶ ପଥ ପ୍ରତୀକ୍ଷାଳୟ, ଲିଫ୍ଟ, ଏକ୍ସାଲେଟର, ନିଃଶୁଳ୍କ ୱାଇ-ଫାଇ ସୁବିଧା ରହିବ। ସମ୍ବଲପୁର ସିଟି ପାଇଁ ୩୩ କୋଟି ୭୬ ଲକ୍ଷ, ଝାରସୁଗୁଡ଼ା ରୋଡ଼ ପାଇଁ ୧୮ କୋଟି ୭୭ ଲକ୍ଷ, ଟିଟିଲାଗଡ଼ ପାଇଁ ୩୫ କୋଟି ୭୯ ଲକ୍ଷ ଏବଂ କେସିଙ୍ଗା ରେଳ ଷ୍ଟେସନର ପୁନଃ ବିକାଶ ପାଇଁ ୨୦ କୋଟି ୮୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି।

